

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୯ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 09 MARCH 2022

Vol.No. 33 ■ No. 65 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର

ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,

ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ :

ତାରିଣୀ ବିଦ୍ୟା ଭଣ୍ଡାର

ଷ୍ଟେସନ ରୋଡ,

ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-


## ରୁଷର ତେଲ ଓ ଗ୍ୟାସ ଉପରେ ଲାଗିଲା ବ୍ୟାନ




ୱାଶିଂଟନ, ୦୮/୦୩ (ନି.ପ୍ର): ରୁଷ ବିରୋଧରେ ସବୁଠାରୁ ବଡ଼ କଟକଣା ଲଗାଇଛି ଆମେରିକା। ରୁଷରୁ ଆମାଦାନୀ ହେଉଥିବା ସମସ୍ତ ପ୍ରକାରର ତୈଳ ଓ ଗ୍ୟାସ ଉପରେ ଆଜି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ରୋକ ଲଗାଇ ଦେଇଛନ୍ତି। ଫଳରେ ଆର୍ଥିକ ସ୍ତରରେ ରୁଷ ଆହୁରି ଦୁର୍ବଳ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଦୀର୍ଘ ୧୩ ଦିନ ହେଲା ୟୁକ୍ରେନ ଉପରେ ରୁଷ ହମଲା ଜାରି ରଖିଛି। ବିଭିନ୍ନ ପ୍ରକାରର କଟକଣା ସତ୍ତ୍ୱେ ରୁଷ ତା'ର ଆଭିମୁଖ୍ୟ ବଦଳାଇ ନଥିଲା। ଫଳରେ ଆଜି ରାଷ୍ଟ୍ରପତି ଜୋ ବାଇଡେନ ଦେଶକୁ ସମ୍ବୋଧନ କରି ଆମେରିକା ଆଉ ରୁଷର ତୈଳ, ଗ୍ୟାସ ଓ କୋଇଲା ଆମଦାନୀ କରିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, "ଆମେ ରୁଷରୁ ଆମଦାନୀ ହେଉଥିବା ତୈଳ, ଗ୍ୟାସ ଓ ଏନର୍ଜି ଉପରେ ରୋକ ଲଗାଉଛୁ। ଏହାର ଅର୍ଥ ଆମେରିକା ପୋର୍ଟଗୁଡ଼ିକରେ ରୁଷିଆନ ତେଲକୁ ଆଉ ଗ୍ରହଣ କରାଯିବନି। ଏପରି କରି ଭ୍ଲାଦିମିର ପୁଟିନଙ୍କୁ ଆମେରିକା ପକ୍ଷରୁ ଆଉ ଏକ ବଡ଼ ଝଟକା ଦିଆଯାଇଛି।" ପୂର୍ବରୁ ତୈଳ ସପ୍ଲାଏ ଉପରେ ରୋକ ନ ଲଗାଇବାକୁ ରୁଷ ପଶ୍ଚିମ ଦେଶଗୁଡ଼ିକୁ ଧମକ ଦେଇଥିଲା। ଏପରି ହେଲେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୩୦୦ ଡଲାର ପହଞ୍ଚିବ ବୋଲି ରୁଷ କହିଥିଲା। ହେଲେ ଏହି ଧମକକୁ ବେଖାତିର କରି ବାଇଡେନ ରୁଷ ଉପରେ ସବୁଠାରୁ ବଡ଼ କଟକଣା ଲାଗୁ କରିଛନ୍ତି। ବାଇଡେନ କହିଛନ୍ତି, ରୁଷରୁ ଆମଦାନୀ ହେଉଥିବା ତେଲ, ଗ୍ୟାସ ଓ କୋଇଲା ଉପରେ ସଂପୂର୍ଣ୍ଣ ଭାବେ ରୋକ ଲଗା ଯାଉଛି। ଏହାଦ୍ୱାରା ରୁଷ ଆହୁରି ଆର୍ଥିକ ସ୍ତରରେ ଦୁର୍ବଳ ହେବ। କଟକଣା ଦ୍ୱାରା ଆମେରିକା ମଧ୍ୟ ପ୍ରଭାବିତ ହେବ। ହେଲେ ଏହାର ମୁକାବିଲା କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ଆମଦାନୀ ବନ୍ଦ ଯୋଗୁ ଆମେରିକାକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। କିନ୍ତୁ ରୁଷ ଉପରେ କଟକଣା ଲଗାଇବା ପାଇଁ ସମସ୍ତ ସାଂସଦ ଏକଠି ସ୍ୱର ଉଠାଇଛନ୍ତି। ମୁଁ ଆରମ୍ଭରୁ ଆମେରିକୀୟ ଲୋକଙ୍କ ସହ ଥିଲି ଓ ରହିବି। ଯେତେବେଳେ ପ୍ରଥମେ ଏହି ପ୍ରସଙ୍ଗ ଉଠିଥିଲା ସେତେବେଳେ ମୁଁ ସ୍ୱାଧୀନତାର ଲଢ଼େଇ ମହଙ୍ଗା ମଧ୍ୟ ପଡ଼ିପାରେ ବୋଲି କହିଥିଲି। ଆମେରିକା ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକର ▶▶ପୃଷ୍ଠା ୭

## ମହିଳା ଦିବସରେ ଜାତୀୟ ନାରୀ ଶକ୍ତି ପୁରସ୍କାର ପ୍ରଦାନ
## ୨୯ ଜଣ ମହିଳାଙ୍କ ମଧ୍ୟରେ ଓଡିଶାର ଶୃତି ମହାପାତ୍ର



ଭୁବନେଶ୍ୱର, ୦୮/୦୩ (ନି.ପ୍ର): ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଦିଲ୍ଲୀଠାରେ ଦିଆଯାଇଛି ୨୦୨୦-୨୧ ବର୍ଷ ପାଇଁ ନାରୀ ଶକ୍ତି ସମ୍ମାନ । ଦେଶର ବିଭିନ୍ନ ପ୍ରାନ୍ତର ମୋଟ ୨୯ ଜଣ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ମହିଳାଙ୍କୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଉତ୍ସବରେ ସମ୍ମାନିତ କରାଯାଇଛି । ଏହି ୨୯ ଜଣଙ୍କ ମଧ୍ୟରେ ଅଛନ୍ତି ଓଡିଶାର ଶୃତି ମହାପାତ୍ର । ପାଠ ପଢାରେ ସବୁବେଳେ ଟପ୍ପର ରହୁଥିବା ଡା. ଶୃତି ମହାପାତ୍ର ଅନେକ ପୁରସ୍କାର ନିଜ ନାଁରେ କରିଛନ୍ତି । ଡେଭଲପମେଂଟାଲ ବାୟୋଲୋଜିରେ ପିଏଚଡି କରିଥିବା ଶୃତି ଏମଏସସିରେ ସ୍ୱର୍ଣ୍ଣପଦକ ବିଜେତା ମଧ । ୧୯୭୮ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃତି ଛାତ୍ରୀ ପୁରସ୍କାର ପାଇଛନ୍ତି । ୧୯୮୦,୧୯୮୧ ଏବଂ ୧୯୮୨ ମସିହାରେ ଲଗାତାର ଭାବରେ ସେ ରାଷ୍ଟ୍ରୀୟ ଡିବେଟ ଚାମ୍ପିୟନ ହୋଇଥିଲେ । ୧୯୮୪ ମସିହାରେ ମାତ୍ର ୨୪ବର୍ଷ ବୟସରେ ଶୃତି ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଶୃତିଙ୍କ ଜୀବନ ଖୁବ ସଂଘର୍ଷମୟ । ସିଭିଲ ସର୍ଭିସରେ କୃତକାର୍ଯ୍ୟ ହେବା ପରେ ଚାକିରୀରେ ଯୋଗଦାନ ଦେବାର ଅଳ୍ପ ଦିନ ପୂର୍ବରୁ ସେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଶିକାର ହୋଇଥିଲେ । ଏହି ଦୁର୍ଘଟଣାରେ ତାଙ୍କର ଦୁଇଟି ଯାକ ଗୋଡ ଅଚଳ ହୋଇଯାଇଥିଲା । ଯାହା ଫଳରେ ▶▶ପୃଷ୍ଠା ୭

## ୩୦୦ ଡଲାର ଛୁଇଁବ ଅଶୋଧିତ ତୈଳ ଦର : ରୁଷ



ମସ୍କୋ, ୦୮/୦୩ (ନି.ପ୍ର): ପୂରା ବିଶ୍ୱକୁ ଧମକ ଦେଇଛି ରୁଷ। ରୁଷ ଉପରେ ପଶ୍ଚିମ ଦେଶଗୁଡ଼ିକ ଗୋଟିଏ ପରେ ଗୋଟିଏ ଆର୍ଥିକ କଟକଣା ଲଗାଉଥିବାରୁ ଏହାର ପରିଣାମ ଭୟଙ୍କର ହେବ ବୋଲି କହିଛି ମସ୍କୋ। ଏପରି କି ରୁଷ ଉପରେ ଲାଗୁଥିବା କଟକଣା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ ୩୦୦ ଡଲାର ଛୁଇଁବ। ଏଥିରେ ପୂରା ବିଶ୍ୱ ପ୍ରଭାବିତ ହେବ ବୋଲି ରୁଷ ପକ୍ଷରୁ ଆଜି କୁହାଯାଇଛି। ରୁଷର ଉପ ପ୍ରଧାନମନ୍ତ୍ରୀ ଆଲେକ୍ସଜାଣ୍ଡର୍ ନୋଭାକ କହିଛନ୍ତି, ଯଦି ଆମ ଦେଶର ଏନର୍ଜି ସପ୍ଲାଏ ଉପରେ କେହି ବ୍ୟାନ ଲଗାନ୍ତି, ତା'ହେଲେ ପରିଣାମ ଭୟଙ୍କର ହେବ। ଏହାପରେ ରୁଷ ଏମିତି କିଛି କରିବ ଯାହାଦ୍ୱାରା ପଶ୍ଚିମ ଦେଶଗୁଡ଼ିକ ବ୍ୟାରେଲ ପିଛା ୩୦୦ ଡଲାର ଦେଇ ଅଶୋଧିତ ତୈଳ କିଣିବାକୁ ବାଧ ହେବେ। ସେ ରୁଷ ଓ ଜର୍ମାନୀ ମଧ୍ୟରେ ଚାଲିଥିବା ଗ୍ୟାସ ପାଇପ ଲାଇନ ବନ୍ଦ କରି ଦିଆଯିବ। ଯଦି ରୁଷ ବିରୋଧରେ କିଛି ବି ପଦକ୍ଷେପ ନିଆଯାଏ, ତା'ହେଲେ ୟୁରୋପୀୟ ଦେଶରେ ଗ୍ୟାସ ଓ ତେଲର ଅଭାବ ଦେଖାଯିବ ବୋଲି ସେ ଧମକ ଦେଇଛନ୍ତି। ଆମେରିକା, ୟୁରୋପ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକ ରୁଷର ଏନର୍ଜି ସପ୍ଲାଏ ଚେନ ଉପରେ ରୋକ ଲଗାଇବାକୁ ପ୍ରୟାସ କରୁଥିବା ଖବର ମିଳିଛି। ଏଥିପାଇଁ ସୋମବାର ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ ୧୩୦ ଡଲାର ଛୁଇଁଛି। ୨୦୦୮ ପରେ ଏହା ସର୍ବାଧିକ। ପଶ୍ଚିମ ଦେଶଗୁଡ଼ିକର ଏପରି ପଦକ୍ଷେପକୁ ଦେଖି ଆଜି ରୁଷ ଉପ ପ୍ରଧାନମନ୍ତ୍ରୀ ଆଲେକ୍ସଜାଣ୍ଡର୍ ନୋଭାକ ବିଳବିଳେଇବା ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ଯଦି ରୁଷର ତେଲ କିଣିବାକୁ କୌଣସି ପଶ୍ଚିମ ଦେଶ ମନା କରନ୍ତି, ତା'ହେଲେ ସେମାନଙ୍କୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ▶▶ପୃଷ୍ଠା ୭

## ୨୨ ରୁ ୨୪ ପରୀକ୍ଷା ବନ୍ଦ

ଭୁବନେଶ୍ୱର, ୦୮/୦୩ (ନି.ପ୍ର): ମାର୍ଚ୍ଚ ୨୨ ରୁ ୨୪ ତାରିଖ ମଧ୍ୟରେ ହେବାକୁ ଥିବା ଉଚ୍ଚଶିକ୍ଷା ବିଭାଗର ସମସ୍ତ ପରୀକ୍ଷା ବନ୍ଦ ରହିବ। ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଯୁକ୍ତ ୩ ଓ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଛି। ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ଭୋଟିଂ ପାଇଁ କଲେଜ ଗୁଡିକରେ ପୋଲିଂ ବୁଥ୍ କରାଯିବ। ତେଣୁ ଏହି ସମୟରେ ପରୀକ୍ଷା ବନ୍ଦ ନେଇ ସବୁ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖି ଜଣାଇଛି ଉଚ୍ଚଶିକ୍ଷା ବିଭାଗ। ଏହା ପୂର୍ବରୁ ନିର୍ବାଚନ ସମୟରେ ପରୀକ୍ଷା ବନ୍ଦ ରଖିବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ନିର୍ବାଚନ କମିଶନର।

## ଥମୁନି ଋଷିଆ–ୟୁକ୍ରେନ ଯୁଦ୍ଧ : ତୃତୀୟ ପର୍ଯ୍ୟାୟ ବୈଠକ ଫେଲ

ନୂଆଦିଲ୍ଲୀ, ୦୮/୦୩ : ଋଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧା ଜାରି ରହିଛି । ଯୁଦ୍ଧର ସମାପ୍ତି ପାଇଁ ଏହାରି ଭିତରେ ତିନି ଥର ବୈଠକ ବସିଛି । ହେଲେ କୌଣସି ନିର୍ଯ୍ୟାସ ବାହାରିନି । ଗତକାଲି ତୃତୀୟ ପର୍ଯ୍ୟାୟ ପାଖାପାଖି ୩ ଘଂଟା ଧରି ଚାଲିଥିଲା । ହେଲେ କୌଣସି ନିଷ୍କର୍ସ ବାହାରି ପାରିନାହିଁ । ଏହାରି ଭିତରେ ମାର୍ଚ୍ଚ ୧୦ରେ ତୁର୍କୀରେ ବୈଠକ ବସିବ ବୋଲି ଜଣାପଡିଛି । ଏହି ବୈଠକରେ ଋଷ ଏବଂ ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଉପସ୍ଥିତ ରହିବେ ବୋଲି ଜଣାପଡିଛି । ତୁର୍କୀର ବୈଦେଶିକ ମନ୍ତ୍ରୀ ମେବଲୁତ କାବୁସୋଗ୍ଲୁ ଏହି ସୂଚନା ଦେଇଛନ୍ତି । ଏହି ବୈଠକ ତୁର୍କିର ଅନ୍ତାଲ୍ୟାରେ ବସିବ ବୋଲି ଜଣାପଡିଛି । ରିପୋର୍ଟ ମୁତାବିକ୍ ଋଷ ଏବଂ ୟୁକ୍ରେନ ଉପରେ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଦୁଇ ଦେଶର ନେତାଙ୍କୁ ଏକାଠି କରି ଅନ୍ୟ ଏକ ଦେଶ ବୈଠକ କରିବାକୁ ଯାଉଛି ।

## ମାର୍ଚ୍ଚ ୨୫ରୁ ୩୧ ଯାଏ ବିଧାନସଭାର ବଜେଟ ଅଧିବେଶନ
## ୩୦ରେ ଉପସ୍ଥାପନ ହେବ ବଜେଟ



ଭୁବନେଶ୍ୱର, ୦୮/୦୩ (ନି.ପ୍ର): ଓଡିଶା ବିଧାନସଭାର ବଜେଟ ଅଧିବେଶନ ଆଗାମୀ ୨୫ ତାରିଖରୁ ଆରମ୍ଭ ହୋଇ ୩୧ ଯାଏ ଚାଲିବ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ମାର୍ଚ୍ଚ ୨୫ ତାରିଖ ଦିନ ରାଜ୍ୟପାଳ ନିଜର ଅଭିଭାଷଣ ରଖିବେ। ଏହାପରେ ୨୬ ଓ ୨୮ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା କରାଯିବ। ମାର୍ଚ୍ଚ ୩୦ ତାରିଖରେ ବିଧାନସଭାରେ ବଜେଟ ଉପସ୍ଥାପିତ ହେବ। ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟ ବଜେଟ ଉପସ୍ଥାପନ କରିବେ। ୩୧ ତାରିଖରେ ବ୍ୟୟ ମଞ୍ଜୁରି ବିଲ୍ ପାରିତ ହେବ। ଏଥର ବଜେଟ ଅଧିବେଶନରେ ମୋଟ ଛଅଟି କାର୍ଯ୍ୟଦିବସ ରହିବ। ତେବେ ଏହି ବଜେଟ ଅଧିବେଶନରେ କୋଭିଡ କଟକଣା ରହିବ କି ନା ସେନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ପରାମର୍ଶ କରିବେ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସହ ପରାମର୍ଶ ପରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କିଛି ଦିନ ତଳେ ବିଧାନସଭା ବଜେଟ ଅଧିବେଶନ ସଂପର୍କରେ ସୂଚନା ଦେଇ ବାଚସ୍ପତି କହିଥିଲେ, ମାର୍ଚ୍ଚ ୩୧ ତାରଖରୁ ପୂର୍ବରୁ ବସିବ ବିଧାନସଭା ବଜେଟ ଅଧିବେଶନ। ରାଜ୍ୟପାଳଙ୍କ ଅନୁମୋଦନ ଆସିବା ପରେ ବିଧିବଦ୍ଧ ତାରିଖ ଘୋଷଣା ହେବ ବୋଲି ସେ କହିଥିଲେ।

## ୟୁକ୍ରେନରୁ ଏକାକୀ ୧୪ ଶହ କିମି ଗଲେ ୧୧ ବର୍ଷର ବାଳକ

କିଭ୍, ୦୮/୦୩ (ନି.ପ୍ର): ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନରୁ ପୁଣି ଗୋଟିଏ ଭାବବିହ୍ୱଳ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ରୁଷର ପ୍ରଚଣ୍ଡ ଆକ୍ରମଣ ଯୋଗୁ ଜଣେ ୧୧ ବର୍ଷୀୟ ବାଳକ ତାଙ୍କ ବାପା ମା'ଙ୍କ ଠାରୁ ଅଲଗା ହୋଇ ଯାଇଛନ୍ତି। ପିଲାଟିର ଭବିଷ୍ୟତ ପାଇଁ ବାପା ମା' ତାଙ୍କୁ ୟୁକ୍ରେନର ସୀମାନ୍ତ ଦେଶକୁ ଏକାକୀ ଛାଡ଼ି ଦେଇଛନ୍ତି। ପିଲାଟି ମଧ ବାପା ମା'ଙ୍କ କଥାରେ ଏକାକୀ ୧୪ ଶହ କିମି ▶▶ପୃଷ୍ଠା ୭

## ୧୫ କୋଟି ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୦୮/୦୩ (ନି.ପ୍ର): ୧୫ କୋଟି ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ନିର୍ଦ୍ଦେଶକ ତପନ କୁମାର ସାମନ୍ତଙ୍କୁ କୋଲକାତାରୁ ଗିରଫ କରିଛି କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା। ତପନଙ୍କୁ କ୍ରାଇମବ୍ରାଂଚ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବାଲେଶ୍ୱର କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସୋରର ଶୁକଦେବ ହୋତା ମାସ୍ ଇନଫ୍ରା ରିଏଲିଟି ଲିମିଟେଡ ଓ ହ୍ୟୁମାନ୍ ୱେଲଫେଆର୍ କ୍ରେଡିଟ୍ ଏବଂ ଥ୍ରିଫ୍ଟ କୋ-ଅପରେଟିଭ୍ ସୋସାଇଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ପ୍ରତାପ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଛଅଜଣ ନିର୍ଦ୍ଦେଶକଙ୍କ ନାଁରେ ଲିଖିତ ଭାବେ ଠକେଇ ଅଭିଯୋଗ କରିଥିଲେ। ଏହି ଛଅଜଣକଙ୍କ ମଧ୍ୟରେ ଅଭିଯୁକ୍ତ ତପନ କୁମାର ସାମନ୍ତ ବି ଥିଲେ। ଅଭିଯୋଗକାରୀ ଏବଂ ଅନ୍ୟାନ୍ୟ ଜମାକାରୀଙ୍କୁ ବିଭିନ୍ନ ସ୍କିମ୍ ଜରିଆରେ ଜମା ଉପରେ ଅଧିକ ସୁଧ ହାର ଫେରସ୍ତ କରିବାର ଆଳ ଦେଖାଇ କୋଟି କୋଟି ଟଙ୍କାରେ ଠକେଇ କରିଛନ୍ତି ବୋଲି ନିଜ ଅଭିଯୋଗରେ ଦର୍ଶାଇଥିଲେ ଶୁକଦେବ ହୋତା। ପୂର୍ବରୁ ପ୍ରତାପ କୁମାର ବିଶ୍ୱାଳଙ୍କୁ ଗତବର୍ଷ ଜୁଲାଇ ୨୧ ତାରିଖରେ ଗିରଫ କରାଯାଇଥିଲା। ଏହି କମ୍ପାନି ପ୍ରାୟ ୧୫ କୋଟି ଟଙ୍କାର ଠକେଇ କରିଛି। କୋଲକାତା ଭିତିକ ଏହି ଚିଟଫଣ୍ଡ କମ୍ପାନିର ଏକାଧିକ ନିର୍ଦ୍ଦେଶକ ଏବେ ବି ଫେରାର ଅଛନ୍ତି।

## ୟୁକ୍ରେନର ଦ୍ୱିତୀୟ ଆଣବିକ କେନ୍ଦ୍ରକୁ କବଜାକୁ ନେଲା ରୁଷ୍ ସେନା

ନୂଆଦିଲ୍ଲୀ, ୦୮/୦୩ : ଶୁକ୍ରବାର ୟୁକ୍ରେନର ବୃହତମ ନ୍ୟୁକ୍ଲିୟର ପ୍ଲାଣ୍ଟକୁ ରୁଷିଆ ସେନା କବଜାକୁ ନେବା ପରେ ଆଜି ପୁଣି ଖାରକିଭ ଠାରେ ଥିବା ଆଉ ଏକ ପାୱାର ପ୍ଲାଣ୍ଟକୁ କବଜାକୁ ନେଇଛି । ଏହାକୁ ବର୍ତ୍ତମାନ ରୁଷ ସେନା ନିୟନ୍ତ୍ରଣ କରୁଛି । ସେପଟେ ଇସ୍ରାଏଲ, ରୁଷିଆ ଓ ୟୁକ୍ରେନ ମଧ୍ୟରେ ମଧ୍ୟସ୍ଥତା କରିବା ଆରମ୍ଭ କରିଛି । ସେପଟେ ପ୍ରମୁଖ ସହର ଜାଇଡୋମିର ତୈଳ ଡିପୋ ଉପରେ ମିଜାଇଲ ମାଡ କରିଛନ୍ତି ରୁଷ ସେନା । ମିଜାଇଲ ମାଡରେ ତୈଳ ଡିପୋରେ ନିଆଁ ଲାଗିଯାଇଛି । ହୁତୁ ହୁତୁ ହୋଇ ଜଳୁଛି ଅଏଲ ଡିପୋ । ଆକାଶରୁ ଉଚ୍ଚ ପର୍ଯ୍ୟନ୍ତ ଉଠୁଛି ନିଆଁ । ଏଦୃଶ୍ୟ ଆସିଛି ୟୁକ୍ରେନର ଜାଇଡୋମିରରୁ । ଜାଇଡୋମିର ତୈଳ ଡିପୋ ଉପରେ ମିଜାଇଲ ମାଡ କରାଯାଇଛି । ଏହା ପରେ ତୈଳ ଡିପୋରେ ନିଆଁ ଲାଗିଯାଇଛି । ଆକାଶ ଛୁଉଁଛି ନିଆଁ ଓ ଧୂଆଁ । କେବଳ ଜାଇଡୋମିର ନୁହେଁ, ଚେର୍ନିହିଭର ତୈଳ ଡିପୋ ଉପରେ ମଧ ରୁଷ ପକ୍ଷରୁ ଆକ୍ରମଣ କରାଯାଇଛି । ୫ ସହରରେ ଅସ୍ତ୍ର ବିରତି ଘୋଷଣା କଲା ରୁଷ୍ । ଫସିଥିବା ଲୋକଙ୍କୁ ଉଦ୍ଧାର ପାଇଁ ଦିଆଗଲା ▶▶ପୃଷ୍ଠା ୭

## ଭୋଟ୍ କିଣାବିକା ନେଇ ଅପରାଜିତାଙ୍କ ଅଭିଯୋଗ



ଭୁବନେଶ୍ୱର, ୦୮/୦୩ (ନି.ପ୍ର): ଭୋଟ ପାଇଁ ନୋଟ କାରବାର । ପୌର ନିର୍ବାଚନରେ ଭୋଟ କିଣିବାକୁ ଶାସକ ଦଳ ଯୋଜନା କରିଥିବା ସାଂଘାତିକ ଅଭିଯୋଗ ଆଣିଛନ୍ତି ଭୁବନେଶ୍ୱର ସାଂସଦ । ହେଲେ ପ୍ରମାଣ କିଛି ଦେଇ ନାହାନ୍ତି, କହିଛନ୍ତି, ଠିକ ସମୟରେ ଏହାର ଖୁଲାସା କରିବେ । ସେପଟେ ଉଭୟ ବିଜେଡି ଓ ବିଜେପିର ଭୁବନେଶ୍ୱର ମେୟର ପ୍ରାର୍ଥୀ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରି ପ୍ରଚାର ଆରମ୍ଭ କରିଛନ୍ତି । ବସ୍ତିରେ ବଣ୍ଟାଯାଉଛି ଟଙ୍କା ! ଅଭିଯୋଗ ଆଣିଲେ ଅପରାଜିତା । ପୌର ପାଇଁ ପ୍ରଚାର ଆରମ୍ଭରୁ ଜୋର ଧରିଲାଣି ଆକ୍ଷେପ ପ୍ରତ୍ୟାକ୍ଷେପର ରାଜନୀତି । ମୁହାଁମୁହିଁ ହୋଇଛନ୍ତି ଭୁବନେଶ୍ୱର ସାଂସଦ ଓ ମନ୍ତ୍ରୀ । ରାଜଧାନୀ ବସ୍ତି ଅଞ୍ଚଳରେ ଟଙ୍କା ଦେଇ ଶାସକଦଳ ଭୋଟ କିଣିବାକୁ ଉଦ୍ୟମ କରୁଥିବା ଅଭିଯୋଗ ଆଣିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ଯାହାର ଭିଡିଓ ତାଙ୍କ ନିକଟରେ ଅଛି ଓ ଉପଯୁକ୍ତ ସମୟରେ ସେ ଏହାକୁ ଜନତାଙ୍କ ସାମ୍ନାକୁ ଆଣିବେ ବୋଲି କହିଛନ୍ତି । ଆଉ ଅପରାଜିତାଙ୍କ ଏହି ଅଭିଯୋଗର ଉତ୍ତର ରଖିଛନ୍ତି ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା । ସାଂସଦ ଅପରାଜିତା ଓ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଭିତରେ କଥା କଟାକଟି କିଛି ନୂଆ କଥା ନୁହେଁ । ପୂର୍ବରୁ ମଧ ଲିଙ୍ଗରାଜ ମନ୍ଦିରର ଉନ୍ନତିକରଣକୁ ନେଇ ମୁହାଁମୁହିଁ ହୋଇଥିଲେ ଏହି ଦୁଇ ନେତା । ଆଉ ଏହାରି ଭିତରେ ଆଜି ପ୍ରଚାର ଆରମ୍ଭ କରିଛନ୍ତି ଉଭୟ ଦଳର ମେୟର ପ୍ରାର୍ଥୀ । ପ୍ରଚାର ପୂର୍ବରୁ ପ୍ରାର୍ଥନା । ମହାଦେବଙ୍କ ଶରଣରେ ମେୟର ପ୍ରାର୍ଥୀ । ଆରୋପ ପ୍ରତିଆରୋପ ଭିତରେ ନାମାଙ୍କନ ପ୍ରକ୍ରିୟା ସାରି ପ୍ରଚାର ଆରମ୍ଭ କରିଛନ୍ତି ଦୁଇ ଦଳର ମେୟର ପ୍ରାର୍ଥୀ । ବିଜେଡି ପ୍ରାର୍ଥୀ ସୁଲୋଚନା ଦାସ ମଙ୍ଗଳବାର ପୂର୍ବାହ୍ନରେ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଚାର ଆଗକୁ ବଢାଇଥିବା ବେଳେ, ବିଜେପି ପ୍ରାର୍ଥୀ ସୁନୀତି ମୁଣ୍ଡ ଅପରାହ୍ନରେ ଲିଙ୍ଗରାଜଙ୍କ ଆରାଧନା କରିଛନ୍ତି । ତେବେ ପୌର ପ୍ରଚାର ଆରମ୍ଭରୁ ନେତାଙ୍କ ଭିତରେ ଆରମ୍ଭ ହୋଇଯାଇଛି ବାକ୍ ଯୁଦ୍ଧ ।

## ହେଲଦୀ ଲାଇଫ୍ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ବାଲେଶ୍ୱର, ୦୮/୦୩ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରେବତୀର ପ୍ରତିଷ୍ଠାତା ସମାଜସେବୀ ସୁବାସିନୀ ଜେନା ବକ୍ତବ୍ୟରେ ଆଜିର ନାରୀ ଦୁର୍ଗା, ଅତିଥି ଡିଏସ୍‌ପି ବ୍ରଜେଶ୍ୱରୀ ନାରୀମାନେ ଯୋଗ କରନ୍ତୁ, ଜିମ୍ କରି ଶକ୍ତିଶାଳୀ ହୁଅନ୍ତୁ, ଅତିଥି ଜ୍ୟୋତିର୍ମୟୀ ପଟ୍ଟନାୟକ ୨୪ ଘଣ୍ଟା ପରିବାର ସହିତ ରହି ଦେଶ ପାଇଁ କାମ କରନ୍ତୁ, ମୁଖ୍ୟ ବକ୍ତା ସୈରିନ୍ଧ୍ରୀ ସାହୁ ଧ୍ୱନି ପ୍ରତିଧ୍ୱନିର ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା, ଆଜିର ନାରୀ ନିଜର ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ଯୋଗ ପ୍ରାକୃତିକ ଚିକିତ୍ସା ଶିକ୍ଷାଲାଭ କରି ଜୀବନକୁ ସୁନ୍ଦର ସୁସ୍ଥ ରଖିଲେ ସମାଜ ସୁସ୍ଥ ରହିବ ବୋଲି କହିଥିଲେ। ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଦେବୀ ଅର୍ଚ୍ଚନା, ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଚିତ୍ତରଞ୍ଜନ ସାହୁ ହେଲଦୀ ଲାଇଫ୍ ଅନୁଷ୍ଠାନ ମନୁଷ୍ୟର ପୂର୍ଣ୍ଣ ବିକାଶ କରିବା ସହିତ ସୁସ୍ଥ ସମାଜ ଗଠନ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି କହିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଅଭିଶେଖ ଦାସ, ଅଧ୍ୟାପିକା ଶିତଳା ଦାସ, ଅଧ୍ୟାପିକା ମମିତା ମହାର୍ଣ୍ଣା ଉପସ୍ଥିତ ରହିଥିଲେ । ଶେଷରେ ସମସ୍ତଙ୍କୁ ଦେବୀ ଅର୍ଚ୍ଚନା ଧନ୍ୟବାଦ ଦେଇଥିଲେ ।

# ମୁନି ସମାଜର ବାର୍ଷିକ ଉତ୍ସବ ଓ ଝୁମମଣି ପାତ୍ରଙ୍କ ଜୟନ୍ତୀ




ବାସୁଦେବପୁର,୦୮/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ବାସନ୍ତୀ ପଡିଆ ଠାରେ ଅଖିଳ ଭୁ ମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ବାର୍ଷିକ ଉତ୍ସବ ଓ ସମାଜସେବୀ ଝୁମମଣି ପାତ୍ର ଙ୍କ ୮୦ ତମ ଜନ୍ମଦିନ ଉତ୍ସବ ପାଳିତ ହୋଇଯାଇଛି । ଅତିଥି ଭାବେ ଉମାକାନ୍ତ ମୁନି ଏଥିରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ସୁଧାକର ମୁନି,ଦଶରଥ ମୁନି,ବସନ୍ତ ମୁନି,ଧନିଆ ମୁନି ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ଆଧାତ୍ମିକ ଚିନ୍ତା ଚେତନା ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସମଗ୍ର ପୃଥିବୀରେ ସମସ୍ତେ ଯୋଗ କରନ୍ତୁ, ପିତା ମାତା ଙ୍କୁ ପ୍ରଣାମ କରନ୍ତୁ ଓ ମଧୁର ବ୍ୟବହାର ରେ ସମସ୍ତ ଙ୍କୁ ଆକର୍ଷିତ କରନ୍ତୁ ବୋଲି ଅତିଥି ବନ୍ଧୁ ପ୍ରକାଶ କରିଥିଲେ । ସଙ୍ଗୀତ ଓ ବାଦ୍ୟଯନ୍ତରେ ସହଯୋଗ କରିଥିଲେ କଣ୍ଠଶିଳ୍ପୀ ଗୋବର୍ଦ୍ଧନ ରଣା ଓ ସାଥି କଳାକାର । ଏହି ଉତ୍ସବ ର ମୁଖ୍ୟ ଆୟୋଜକ ଅଜୟ କୁମାର ପାତ୍ର ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

# କଂଗ୍ରେସ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କଲେ ମମତା ମହାନ୍ତି



ବାସୁଦେବପୁର,୦୮/୦୩ (ନି.ପ୍ର): ବାସୁଦେବପୁର ପୌରପାଳିକା ର ଅଧ୍ୟକ୍ଷ ପଦ ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ମମତା ମହାନ୍ତି ପ୍ରାର୍ଥୀ ପତ୍ର ତହସିଲଦାର ଙ୍କ କାର୍ଯ୍ୟାଳୟ ରେ ଦାଖଲ କରିଛନ୍ତି । ଏହି ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ,ନାରୀ ନେତ୍ରୀ ମଧୁମିତା ସେଠୀ, ନଗର ସଭାପତି ଭକ୍ତ ରଂଜନ ପଟ୍ଟନାୟକ, ବରିଷ୍ଠ ନେତା ରମେଶ ଚନ୍ଦ୍ର ବଳ, ନିର୍ମଳ ଚନ୍ଦ୍ର ବେହେରା,ରତ୍ନାକର ମଲ୍ଲିକ, ପ୍ରାର୍ଥୀ ମମତା ଙ୍କ ସ୍ୱାମୀ ବିଜୟ ମହାନ୍ତି,ଅକ୍ଷୟ ବାରିକ ଓ ବହୁ କର୍ମୀ ଉପସ୍ଥିତ ଥିଲେ । ଏକ ବିଶାଳ ଶୋଭାଯାତ୍ରା ବାସୁଦେବପୁର ସହର ପରିକ୍ରମା କରିଥିଲା । ଆଗାମୀ ଦିନରେ ଆମେ ବିଜୟ ଲାଭ କଲେ ବାସୁଦେବପୁର ପୌରପାଳିକା ର ନିଶ୍ଚିତ ବିକାଶ ହେବ ବୋଲି ମମତା ପ୍ରକାଶ କରିଥିଲେ ।

## ତହସିଲ ଅଫିସ ସମ୍ମୁଖରେ ମହୁମାଛି ଆତଙ୍କ

ମୁଖୀଗୁଡା,୦୮/୦୩ (ନି.ପ୍ର): ଜୟପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମହୁମାଛି ଆତଙ୍କ ଦେଖା ଦେଇଛି । ଗୋଟିଏ ସପ୍ତାହ ହେଲା ଲୋକଙ୍କୁ ମହୁମାଛି ଅତର୍କିତ ଭାବେ ଆକ୍ରମଣ କରୁଛି । ତହସିଲ କାର୍ଯ୍ୟାଳୟ କୁ ଲାଗି ରହିଥିବା ଥାନା ପରିସର ମଧ୍ୟରେ ଥିବା ଏକ ଶିମୁଳି ଗଛରେ ୧୫ ରୁ ଉର୍ଦ୍ଧ୍ୱ ମହୁଫେଣା ଦୀର୍ଘ ଦିନ ହେଲା ରହିଛି । ତେବେ ଏତେଦିନ ଧରି କାହାର କିଛି କ୍ଷତି କରୁନଥିଲେ ଗତ କିଛି ଦିନ ହେବ ଲୋକଙ୍କୁ ଆକ୍ରମଣ କରୁଛି । ଯାହାଫଳରେ ଲୋକେ ଭୟରେ ଥାନା,ତହସିଲ ଅଫିସ ଯିବାପାଇଁ ଡରୁଛନ୍ତି । ଦୈନିକ ଲୋକେ ବିଭିନ୍ନ କାମ ପାଇଁ ଥାନା ସାମନା ରାସ୍ତା ଦେଇ ଯିବା ଆସିବା କରନ୍ତି । କିନ୍ତୁ ମହୁମାଛି ଆତଙ୍କ ଯୋଗୁଁ ଲୋକେ ଅନେକ ପ୍ରକାର ସମସ୍ୟା ସାମ୍ନା କରୁଛନ୍ତି ବୋଲି ଜଣାପଡ଼ିଛି । ଏହାର ସମାଧାନ ପାଇଁ ଦାବି ହୋଉଛି ।

## ସ୍ୱତନ୍ତ୍ର ଟିକାକରଣର ଶୁଭାରମ୍ଭ

ଖୋର୍ଦ୍ଧା,୦୮/୦୩ (ନି.ପ୍ର): ରାଜ୍ୟରେ ନବଜାତ ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଟୀକାକରଣ ପାଇଁ ରାଜ୍ୟସ୍ତରୀୟ ଟୀକାକରଣ ଅଭିଯାନକୁ ସ୍ୱାସ୍ଥ୍ୟ ନିର୍ଦ୍ଦେସକ ଡ଼ା ବିଜୟ କୁମାର ପାଣିଗ୍ରାହୀ ଶୁଭାରମ୍ଭ କରିଛନ୍ତି । ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କୁ ବୁନ୍ଦା ଖୁଆଇ ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ମେ ୨ତାରିଖରୁ ୭ଦିନ,ଏପ୍ରିଲ ୪ତାରିଖରୁ ୭ଦିନ ଓ ମେ୨ରୁ ୭ଦିନ ପର୍ଯ୍ୟନ୍ତ ପ୍ରଦାନ କରାଯିବ । ଖୋର୍ଦ୍ଧା, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା, କେଉଁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼ ରେ କୋଭିଡ ମହାମାରୀ ସମୟରେ ଟୀକାକରଣ ରୁ ବଂଚିତ ହୋଇଥିବା ଗର୍ଭବତୀ ମହିଳା ଓ ନବଜାତ ଶିଶୁମାମାନଙ୍କୁ ଟୀକା ଦାନ କରାଯିବାର ମୁଖ୍ୟ ଲକ୍ଷ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେସକ ସୂଚନା ଦେଇଛନ୍ତି ।

# ସୁବର୍ଣ୍ଣଗିରିଠାରେ ସିଆରପିଏଫର ଜନ ସମ୍ପର୍କ ଶିବିର

କନ୍ଧମାଳ ,୦୮/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣଗିରି ପଞ୍ଚାୟତ ରେ ଥିବା କ୍ୟାମ୍ପ ସି /ଅଷ୍ଟମ ବାଟାଲିୟନ ପକ୍ଷରୁ ଜନ ସମ୍ପର୍କ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ଉକ୍ତ କାର୍ଯ୍ୟକ୍ରମ କୁ ଆଇ. ଜି. ପି ଏସ. କେ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଷ୍ଟମ ବାଟାଲିୟନ ସିଆରପି ଏଫ କମାଣ୍ଡେଣ୍ଟ ଏମ. ଏସ ଦୂତେ ଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା. ଏଥିରେ ଅଷ୍ଟମ ବାଟାଲିୟନ ର ଫ୍ରାନ୍ସିଷ ତ୍ରିକୀ, ମୁଖ୍ୟ ଅଥିତି ଭାବେ ଯୋଗ ଦେଇଥିଲେ. ସଂମ୍ମାନିତ ଅଥିତି ଭାବେ ସୁବର୍ଣ୍ଣ ଗିରି ସରପଞ୍ଚ ସୋମନାଥ ପ୍ରଧାନ, ବଡିଓ କୈଳାଶ ଚନ୍ଦ୍ର ମୁର୍ମୁ, କୋଟଗଡ ଥାନା ଅଧିକାରୀ ଧୀରେଜ ଲେଙ୍କା, ସୁବର୍ଣ୍ଣ ଗିରି ଡାକ୍ତର ବିଜୟ ଭୁଇ, ଫାଦର ଅନ୍ତରିଷ ଦୁଙ୍ଗ ଯୋଗ ଦେଇଥିଲେ. ଉକ୍ତ କାର୍ଯ୍ୟକ୍ରମ ରେ ୧୯୫ ଜଣ ଗରିବ ନିରାହ, ବାପା, ମା, ଭାଇ, ଭଉଣୀ ଙ୍କୁ ସୋଲାର ଲାଇଟ ଓ ରେଡ଼ିଓ ବଣ୍ଟନ କରାଯାଇଥିଲା. ଏହି ଜନସମ୍ପର୍କ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଲୋକ ସହ ସିଆର ପିଏଫ୍ ଯବାନ ଙ୍କ ସହ ସୁ ସମ୍ପର୍କ ସ୍ଥାପନ ଏକ ମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ।

# ପଂଚାୟତ ସମିତି ଅଧକ୍ଷା ପଦକୁ ନେଇ ଚାଲିଛି ଅଙ୍କ କଷା : ଆଗରେ ଅଛନ୍ତି ରୋଜି ସେଠୀ

ସାଲେପୁର,୦୮/୦୩ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ପଦକୁ ନେଇ ଜୋରଦାର୍ ଚର୍ଚ୍ଚା ଚାଲିଛି । ଏହି ପଂଚାୟତ ସମିତିରେ ଅଧକ୍ଷ ପଦବୀ କାହା ହାତକୁ ଯିବ, କିଏ ମୁଣ୍ଡରେ ମୁକୁଟ ପିନ୍ଧିବେ ତାକୁ ନେଇ ରାଜନୈତିକ ମହଲରେ ଜୋର୍ ଚର୍ଚ୍ଚା ଚାଲିଛି । ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କଟକ ଜିଲ୍ଲା ଏକ ବଡ ପଂଚାୟତ ସମିତି ଅଟେ । ଏହା ୪୧ ଗୋଟି ପଂଚାୟତକୁ ନେଇ ଗଠିତ । କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଗୋଟି ପଂଚାୟତ ଓ ସଂସ୍କୃତି ସମ୍ପନ୍ନ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ପଂଚାୟତକୁ ନେଇ ଏହି ବ୍ଲକ ଗଠିତ । କଟକ ସଦର ଶାସନ ବିଜୁ ଜନତା ଦଳ ତଥା ଯୁବ ମାନସର ପ୍ରତୀକ ଚନ୍ଦ୍ର ସାରଥି ବେହେରା ବିଧାୟକ ଥିଲାବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଓଡିଶା ସରକାରଙ୍କର ଜଣେ ଟାଣୁଆ ମନ୍ତ୍ରୀ ଭାବରେ ପ୍ରତାପ ଜେନା ପ୍ରତିନିଧିତ୍ୱ କରୁଛନ୍ତି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଚନ୍ଦ୍ର ସାରଥି ଓ ମନ୍ତ୍ରୀ ପ୍ରତାପ ଜେନା ରାଜନୀତିକ ସଫଳତା ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକର ୫ ଟି ଜିଲ୍ଲାପରିଷଦ ଆସନ ବିଜେଡି ହାତକୁ ଯାଇଛି । ବିଜେପି ଏଠି ଚିତ୍ ପଟାଙ୍ଗ ମାରିଛି । କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୨୮ ନଂ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୨୬ ନଂ ଜୋନ୍ କୁ ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେପି ହାତରୁ ବିଜେଡି ଜନମତରେ ଛଡାଇ ଆଣିଛି । ଚନ୍ଦ୍ର ସାରଥି ବେହେରା ୧୪ ଟି ଗ୍ରାମ ପଂଚାୟତରୁ ତାଙ୍କର ପ୍ରତିନିଧିତ୍ୱ ତଥା ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନାରେ ୧୨ ଟି ସମିତିସଭ୍ୟଙ୍କୁ ବିଜୟୀ କରିଥିଲା ବେଳେ ଶାସକ ଦଳ ହାତରୁ ୨ ଟି ସମିତିସଭ୍ୟ ଆସନ ଅଳ୍ପ ବ୍ୟବଧାନରେ ସ୍ୱାଧୀନ ହାତକୁ ଚାଲିଯାଇଅଛି । ସେହିପରି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୨୭ ଟି ଗ୍ରାମ ପଂଚାୟତ ଅଧିନରେ ଥିବା ଦଳକୁ ୧୮ ଟି ସମିତିସଭ୍ୟ ସଭ୍ୟା ବିଜୟୀ କରିପାରିଛନ୍ତି । ସେହିପରି ଭାବେ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଥିଲା ବେଳେ ସମସ୍ତଙ୍କୁ ଚକିତ କରି ୭ ଟି ସମିତିସଭ୍ୟସଭ୍ୟାଙ୍କୁ ବିଜେପି ବିଜୟୀ କରାଇଛି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଅଧକ୍ଷ ପଦ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ନିମନ୍ତେ ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷଣ ହୋଇଅଛି । ତେବେ ଏହି ପଂଚାୟତ ସମିତି ନିମନ୍ତେ ଜଣେ ଦକ୍ଷ ଦଳିତ ମହିଳାଙ୍କୁ ଅଧକ୍ଷ ପଦବୀ ନିମନ୍ତେ ନିର୍ବାଚିତ କରାଯିବା ନିମନ୍ତେ ରାଜନୀତିକ ସ୍ତରରେ ବ୍ୟାପକ ବିଚାର ବିମର୍ଷ ହୋଇଛି । ପ୍ରତାପ ଜେନାଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ତଥା ପୂର୍ବତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ରଙ୍କ କାର୍ଯ୍ୟ ଦକ୍ଷତା, ରାଜନୈତିକ ଗୋଟି ଚାଳନା ସମସ୍ତଙ୍କୁ ଚକିତ କରିବ । ଶ୍ରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ପଂଚାୟତ ସମିତି ଅଧକ୍ଷା ନିର୍ବାଚିତ ହେବେ । ତାଙ୍କ ଇଙ୍ଗିତରେ କୌଣସି କାର୍ଯ୍ୟକ୍ରମ ହୋଇପାରିବ ନାହିଁ । ଗତ ୨୦୧୭ ମସିହାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ଏକାନ୍ତ ଅନୁଗତ୍ୟ ଯୁବନେତା ଅଶୋକ ଓଝାଙ୍କ ପତ୍ନୀ ସବିତା ଓଝାଙ୍କୁ ଅଧକ୍ଷା ପଦରେ ଅଳଙ୍କୃତ କରାଯାଇଥିଲା । ତାଙ୍କ କାର୍ଯ୍ୟକାଳ ସୁରୁଖୁରୁରେ ୫ ବର୍ଷ ପୁରି ଯାଇଥିଲେ ମଧ ତାଙ୍କର ସ୍ୱାମୀ ଅଶୋକ ଓଝା ଜିର୍ଗ୍ନପୁର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ସେ ମଧ ଉପାଧକ୍ଷ ପଦ ପାଇଁ ଆଶୟୀ ଅଛନ୍ତି । ସେହିପରି କଟକ ସଦର ନିର୍ବାଚନ ମଣ୍ଡଳୀର ଅଧକ୍ଷା ପଦବୀ ପାଇଁ ହକଦାର ଥିଲେ ମଧ ତାଙ୍କର ରଣକୌଶଳ କିପରି ହେବ ତାହା ଆଗାମୀ ଦିନ କହିବ । ଅପରପକ୍ଷରେ ପଂଚାୟତରାଜ ମନ୍ତ୍ରୀ ଶ୍ରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମିତି ସଭ୍ୟ ସଭ୍ୟମାନେ ନେତାଙ୍କ ଆଦେଶକୁ ମାନିବା ପାଇଁ ଅନାଇ ବସିଛନ୍ତି । ତେବେ ରୋଜି ସେଠୀଙ୍କ ନାମ ସମସ୍ତଙ୍କ ଆଗରେ ଚର୍ଚ୍ଚା ହେଉଅଛି । ସେ ଜଣେ ଉଚ୍ଚ ଶିକ୍ଷିତା, ସୁଗୃହିଣୀ, ମେଳାପୀ ସ୍ୱଭାବର ବୋଲି ସମସ୍ତେ ଜାଣିଛନ୍ତି । ତେଣୁ ଆଗାମୀ ସମୟ ତାଙ୍କ ପାଇଁ କ'ଣ ହେବ ତାହା ସମୟ ହିଁ କହିବ । ତେବେ ଦଳୀର ମୁଖ୍ୟଙ୍କ ନିଷ୍ପତି ଯାହା ହେବ ତାହାକୁ ସମସ୍ତେ ମାନିବେ । ଏଣୁ ଗିରିଶ ରଂଜନ ମହାପାତ୍ରଙ୍କ ଗୋଟି ଚାଳନା ସମସ୍ତଙ୍କୁ ଚକିତ କରିବ ବୋଲି ବିଭିନ୍ନ ପଂଚାୟତର ରାଜନୈତିକ ବ୍ୟକ୍ତିମାନେ କହିଛନ୍ତି । ଦେଖାଯାଉ କାହା ମୁଣ୍ଡରେ ସିରିପା–ଭିଡ଼ାହେବ ।

# ଭିନ୍ନ ଢ଼ଙ୍ଗରେ ରକ୍ତଦାନ କରି ପାଳିତ ହେଲା ବିଶ୍ୱ ମହିଳା ଦିବସ

ପୁରୀ,୦୮/୦୩ (ନି.ପ୍ର): ବର୍ତମାନ ପୁରୁଷଙ୍କ ତୁଳନାରେ ମହିଳା ମାନେ ସବୁ କ୍ଷେତ୍ରରେ ଆଗୁଆ । ରକ୍ତଦାନ କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳା ମାନଙ୍କ ସହଯୋଗ କମ୍ ରହୁଥିଲା । ରକ୍ତ ଦାନ ସମ୍ପର୍କରେ ମହିଳା ମାନଙ୍କ ଅଜ୍ଞତା ଓ ଭୟ ସେମାନଙ୍କୁ ଆଗକୁ ନେଇ ପାରୁନଥିଲା । ସେଥିପାଇଁ ରକ୍ତ ଦାନ ସଂଗ୍ରହ ମଧ କମ୍ ରହୁଥିଲା । ମହିଳା ମାନଙ୍କ ମଧରେ ଥିବା ରକ୍ତ ଦାନ ସମ୍ପର୍କୀତ ଭୟ ଓ ଅଜ୍ଞାତକୁ ଦୂର କରିବା ପାଇଁ ବିଶ୍ୱ ମହିଳା ଦିବସ ଅବସରରେ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦି ବେଲ୍ ଓ ଷ୍ଟେଟ ବ୍ୟାଙ୍କ୍ ଅଫ ଇଣ୍ଡିଆ ମିଳିତ ଆନୁକୁଲ୍ୟରେ ସିଟି ରୋଡ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ହୋଲିଡେ ହୋମ ଠାରେ ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ ସ୍ୱତନ୍ତ୍ର ମହିଳା ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତ ଦାନ ଶିବିରକୁ ଭୁବନେଶ୍ୱର କାରା ମଣ୍ଡଳ ଅଧିକାରୀ ସନ୍ତୋସିନି ଦାସ ଉଦଘାଟନ କରି ନିଜେ ମଧ ରକ୍ତ ଦାନ କରିଥିଲେ । କ୍ରମାଗତ ଭାବରେ ରକ୍ତ ଦାନ କଲେ ଦେହ ସୁସ୍ଥ ରହିବା ସହିତ ବିଭିନ୍ନ ରୋଗ ମଧ ହୋଇ ଥାଏ । ତେଣୁ ମହିଳା ମାନେ ଭୟ ନକରି ରକ୍ତ ଦାନ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଦାସ କହିଥିଲେ । ପୁରୀ ଷ୍ଟେଟ ବ୍ୟାଙ୍କ୍ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ସମ୍ପିତ କୁମାର ପଟ୍ଟନାୟକ ବେଲ୍ ଅନୁଷ୍ଠାନର ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଷ୍ଟେଟ ବ୍ୟାଙ୍କ ସଦା ସର୍ବଦା ସାମାଜିକ କାର୍ଯ୍ୟରେ ନିଜର ସହଭାଗିତା ରଖିଛି ଓ ଆଗକୁ ମଧ ରଖିବ ବୋଲି କହିଥିଲେ ।

ଏହି ରକ୍ତଦାନ ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଦି ବେଲ୍ ର ଆବାହକ ସିଦ୍ଧାର୍ଥ ରାୟ ସମସ୍ତ ରକ୍ତ ଦାତ୍ରି ମାନଙ୍କୁ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜଣାଇବା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ରକ୍ତ ଦାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରତିକାନ୍ତ ପ୍ରତିହାରୀ, ସୁକାନ୍ତ ପଣ୍ଡା, ଗଜଲକ୍ଷ୍ମୀ ରାଏ, ସଞ୍ଜୟ ପ୍ରଧାନ, ସତ୍ୟନୟନ ସାହୁ, ବ୍ରଜ କିଶୋର ସାହୁ, ଉମେଶ ଦାସ, ଅଙ୍କିତା ଦାସ, ସୁଚିସ୍ମିତା ମହାନ୍ତି, ତନୁଶ୍ରୀ ସିଂ, ବନିତା ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ ।

# କେନ୍ଦୁଝରରେ ଶୁଭାରମ୍ଭ ହେଲା ମିଶନ ଇନ୍ଦ୍ରଧନୁସ୍ କାର୍ଯ୍ୟକ୍ରମ

କେନ୍ଦୁଝର,୦୮/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଚଳିତ ମାର୍ଚ୍ଚ ୭ ତାରିଖ ସୋମବାର ଦିନ "ମିଶନ ଇନ୍ଦ୍ରଧନୁସ୍" କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଜାତାରାଣୀ ମିଶ୍ର ଜିଲ୍ଲା ହାସପାତାଳର ପ୍ରସବତୋର କେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ପରେ ଡି.ଟି.ୟୁ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସିଡିଏମପିଏଚ୍‌ଓ ଡାଃ ମିଶ୍ର ମିଶନ ଇନ୍ଦ୍ରଧନୁସ୍ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ସେହି କହିଥିଲେ ଯେ - ମିଶନ ଇନ୍ଦ୍ରଧନୁସ୍ କାର୍ଯ୍ୟକ୍ରମର ସଫଳ ନିମନ୍ତେ ଜନସଚେତନତା ଏକାନ୍ତ ଆବଶ୍ୟକ । ଏ ଦିଗରେ ଗଣମାଧ୍ୟମର ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମ ସମଗ୍ର ଭାରତ ବର୍ଷରେ କାର୍ଯ୍ୟକାରୀ ହେଉଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୧୨ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲିବ । ସେଥିମଧ୍ୟରେ କେନ୍ଦୁଝର ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛି । ଏହି ମିଶନ ଇନ୍ଦ୍ରଧନୁସ୍ କାର୍ଯ୍ୟକ୍ରମ ୩ମାସ ଧରି ଯଥା ମାର୍ଚ୍ଚ ମାସ ୭ ତାରିଖରୁ, ଅପ୍ରେଲ ମାସ ୪ ତାରିଖରୁ ଏବଂ ମଇ ମାସ ୨ ତାରିଖରୁ ଚାଲୁରହିବ । ପ୍ରଥମ ପର୍ଯ୍ୟାୟରେ ଚଳିତ ମାର୍ଚ୍ଚ ମାସ ୭ ତାରିଖ ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସଂପୂର୍ଣ୍ଣ ଟୀକାକରଣକୁ ୯୦%ରୁ ଉର୍ଦ୍ଧ୍ୱ କରିବା ହେଉଛି ଲକ୍ଷ୍ୟ । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ରୋଗର ପ୍ରତିଷେଧକ ପାଇଁ ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିଶୁମାନଙ୍କୁ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ମିଶନ ଇନ୍ଦ୍ରଧନୁରସ୍ କାର୍ଯ୍ୟକ୍ରମର ଲକ୍ଷ୍ୟ ଯଦି କୌଣସି ଶିଶୁ କୌଣସି କାରଣବଶଃ କୌଣସି ବି ଗୋଟିଏ ଟୀକା କିମ୍ବା ତଦୁର୍ଦ୍ଧ୍ୱ ଟୀକା ପାଇବାରେ ବଂଚିତ କିମ୍ବା ଛାଡିଯାଇଛନ୍ତି, ତେବେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଟୀକା ପ୍ରଦାନ କରିବା । ଗର୍ଭବତୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଟିଡି ଟୀକାର ୧୦୦% ଟୀକାକରଣ କରିବା ।

# ବିଜେପି ପକ୍ଷରୁ ପୁଷ୍ପାଞ୍ଜଳିଙ୍କ ନାମାଙ୍କନ ପତ୍ର ଦାଖଲ



ବାସୁଦେବପୁର,୦୮/୦୩ (ନି.ପ୍ର): ଓଡ଼ିଶାର ଏବେ ପୌରପାଳିକା ର ନିର୍ବାଚନ ବିଗୁଲ ବାଜିଯାଇଛି । ଏହି ଅବସରରେ ବାସୁଦେବପୁର ପୌରପାଳିକା ର ଅଧକ୍ଷା ପଦ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ପୁଷ୍ପାଞ୍ଜଳି ମହାପାତ୍ର ତହସିଲଦାର ଅନିତା ନାୟକଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୁଷ୍ପାଞ୍ଜଳି ଏହି ନିର୍ବାଚନ ରେ ବିଜୟ ଲାଭ କଲେ ଆଗାମୀ ଦିନରେ ବାସୁଦେବପୁର ପୌରପାଳିକା ରେ ଥିବା ବିଭିନ୍ନ ସମସ୍ୟା କୁ ସମାଧାନ କରିବା ସହିତ ବାସୁଦେବପୁର ର ସର୍ବାଙ୍ଗୀନ ବିକାଶ କରିବେ ବୋଲି ଗଣ ମାଧମ ସାମ୍ନା ରେ ପ୍ରକାଶ କରିଛନ୍ତି । ବାସୁଦେବପୁର ସହର ଓ ହନୁମାନ ବଟିକା ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜିନ୍ଦାବାଦ ସ୍ଲୋଗାନ ରେ ବଜାର ପ୍ରକମ୍ପିତ ହେବା ସହ ସମଗ୍ର ପରିବେଶ ପଦ୍ମଫୁଲ ମୟ ହୋଇଉଠିଥିଲା । ଏହି ଦିବସରେ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ମନ୍ଦର ଧର ମହାପାତ୍ର ଙ୍କ ସୁପୁତ୍ର ବିଶିଷ୍ଟ ସାମ୍ବାଦିକ ସମାଜ ସେବୀ କିଶୋର କୁମାର ମହାପାତ୍ର, ବିଜେପି ର ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକ,ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ,କୋଷାଧକ୍ଷ ଜୟ ପ୍ରକାଶ ମଲ୍ଲିକ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ହରାପ୍ରିୟା ସାହୁ , ଗଦାଧର ପଲାଇ, କବି ପ୍ରହ୍ଲାଦ ବାରିକ,ମହେଶ୍ୱର ଧଳ,ଅପୂର୍ବ ମହାପାତ୍ର, ଅର୍ଣ୍ଣବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ସୁକିନ୍ଦା ଥାନାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପି ଅଫିସ ସମ୍ମୁଖରେ ଧାରଣା

କୋରେଇ,୦୮/୦୩ (ନି.ପ୍ର): ସୁକିନ୍ଦା ଥାନା ଅଧିକାରୀଙ୍କ ବାପା ଥାନା ହାଜତରେ ପଶି ମାଡମାରିବା ଏବଂ ଡାକ୍ତରଖାନାରେ ପଶି ଥାନାଅଧିକାରୀ ପୁଲିସ କର୍ମଚାରୀଙ୍କୁ ଚିକିତ୍ସିତ ଅବସ୍ଥାରେ ମାଡମାରିବା ଭଳି ଗୁରୁତର ଘଟଣା ନେଇ ଏତଲା ଗ୍ରହଣ କରାନଯିବା ପ୍ରସଙ୍ଗରେ ଆଜି ଯାଜପୁର ଏସପି ରାହୁଲ ପିଆରଙ୍କୁ ଗ୍ରାମବାସୀ ମାନଙ୍କ ସହ ଭେଟି ଅଭିଯୋଗ କରିଛନ୍ତି ଆହତ ପୁଲିସ କର୍ମଚାରୀ ସୁକୁମାର ସ୍ୱାଇଁଙ୍କ ପତ୍ନୀ ନିବଦେିତା । ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଲିଖିତ ଭାବେ ଜଣାଇଛନ୍ତି । ଅଭିଯୋଗ ମୁତାବକ ସୁକୁମାର ସ୍ୱାଇଁ ଜିଲ୍ଲା ପୁଲିସ ମୁଖ୍ୟାଳୟର ପୁଲିସ ଗାଡି ଚାଳକ ଭାବେ କାର୍ଯ୍ୟକରନ୍ତି । ଗତ ମାର୍ଚ୍ଚ ୨ ତାରିଖ ସୁକୁମାରଙ୍କୁ ସୁକିନ୍ଦା ଥାନାକୁ କାର୍ଯ୍ୟକରିବାକୁ ପଠାଯାଇଥିଲା । ୩ ତାରିଖ ସୁକୁମାର ଅସୁସ୍ଥ ହେବା ନେଇ ଥାନାଧିକାରୀ ଶିବ ଚରଣ ବେହରାଙ୍କୁ ଅବଗତ କରି ଛୁଟି ଆବେଦନ କରିଥିଲେ । ମାତ୍ର ତାଙ୍କ ଛୁଟି ମଂଜୁର ହୋଇନଥିଲା । ଫଳରେ ବାଧ୍ୟହୋଇ ସୁକୁମାର କାର୍ଯ୍ୟ କରିଥିଲେ । ମଧ୍ୟାହ୍ନରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଚିକିତ୍ସା ନିମନ୍ତେ ସୁକିନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିଲେ । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦେଖି ଡାକ୍ତର ତାଙ୍କୁ ଆଡମିସନ କରାଇ ସାଲାଇନ ଲଗାଇଥିଲେ । ଖବରପାଇ ମା କିରଣ ସ୍ୱାଇଁ, ସାନଭାଇ ସର୍ବେଶ୍ୱର ଓ ଧମେନ୍ଦ୍ର ସୁକୁମାର ନିକଟରେ ପହଂଚିଥିଲେ । ସନ୍ଧ୍ୟାରେ ସୁକୁମାର ଚିକିତ୍ସିତ ଅବସ୍ଥାରେ ଥାନାଧିକାରୀ ଶ୍ରୀ ବେହେରା ସାଧା ପୋଷାକରେ ସୁକିନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସାଲାଇନ ଛିଡାଇ ସୁକୁମାରକୁ ମାଡ ମାରିଥିଲେ । ପୁଅଙ୍କୁ ଥାନାଧିକାରଙ୍କ କବଳରୁ ଉଦ୍ୟମ କରିବାରୁ ମା ଓ ଦୁଇ ପୁଅଙ୍କୁ ଥାନାଧିକାରୀ ଗଳାଧକ୍କା ଦେଇ ବାହାର କରିଦେଇଥିଲେ । ଏମିତିକି ସୁକୁମାର ସହ ସହ ତାଙ୍କ ଭାଇ ମାନଙ୍କ ମୋବାଇଲ ଓ ଦୁଇଟି ବାଇକ ଛଡାଇ ନେଇଥିଲେ । ଏଥି ସହିତ ସମସ୍ତଙ୍କୁ ଗିରଫ କରିଥିଲେ । ହାଜତ ମଧ୍ୟରେ ଥାନାଧିକାରୀଙ୍କ ବାପା ପଂଚାନନ ବେହରା ପଶି ମାଡ ମାରି ସୁକୁମାରର ମୁଣ୍ଡ ଫଟାଇଦେଇଥିଲେ । ଏମିତିକି ପରିବାର ଲୋକଙ୍କୁ ସେମାନଙ୍କୁ ଦେଖା କରିବାକୁ ଛାଡିନଥିଲେ । ସେମାନଙ୍କୁ କୋର୍ଟ ଚାଲାଣ କରିଥିଲେ ମଧ୍ୟ ଥାନାଧିକାରୀଙ୍କ ବିରୁଦ୍ଧରେ ଏତଲା ଗ୍ରହଣ କରିନଥିଲେ । ଥାନାଧିକାରୀ ନିଜ କ୍ଷମତାର ଦୁରୁପଯୋଗ କରି ନିଜ ଇଚ୍ଛା ମୁତାବକ ଆଇନକୁ ହାତକୁ ନେବା କେତେ ଦୂର ଯଥାର୍ଥ ତାହା ବିଚାର୍ଯ୍ୟ । ଏନେଇ ନିଦେବିତା ଏସପିଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳ ଯାଜପୁର, ପୁଲିସ ମହାନିର୍ଦ୍ଦେଶକ ଓଡିଶା, ଗୃହ ସଚିବ ଓଡିଶା, ମୁଖ୍ୟ ଶାସନ ସଚିବ ଓଡିଶାଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ୭ ଦିନ ମଧ୍ୟରେ ଥାନାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପି ଅଫିସ ସମ୍ମୁଖରେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ନୈତିକ ଶିକ୍ଷା ଉପରେ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୦୮/୦୩ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟରେ ନୈତିକ ଶିକ୍ଷା ଉପରେ ଏକ ସାରଗର୍ଭକ କାର୍ଯ୍ୟକ୍ରମ ପ୍ରାଧାପିକା ଜ୍ୟୋସ୍ନାମୟୀ ପତିଙ୍କ ସଂଯୋଜନାରେ ଓ ଡ଼ଃ ପ୍ରମିଳାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଇ.କ୍ୟୁ.ଏ.ସିର ସଂଯୋଜକ ଡ଼ଃ ମଥୁରି ଚରଣ ନାୟକ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ଃ ମମତା ସାହୁ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କର ଆଚରଣ , ଡ଼ଃ ପଦ୍ମଜା କବି ଶତପଥୀ ପରିବାରରେ ଛାତ୍ରୀମାନଙ୍କର ବ୍ୟବହାର ଓ ଅଧାପିକା ନିବେଦିତା ନାୟକ ବିବାହ ପରବର୍ତୀ ଜୀବନରେ ଉତମ ଗୃହିଣୀ ମାନଙ୍କ ସ୍ୱଭାବ ଉପରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ଭାରତ ଉଦ୍ୟମ କଲେ ତୃତୀୟ ବିଶ୍ୱଯୁଦ୍ଧକୁ ଏଡାଇ ଦେଇହେବ : ବାବା ବଳିଆ

କେନ୍ଦ୍ରାପଡ଼ା,୦୮/୦୩ (ନି.ପ୍ର): ସାଂପ୍ରତିକ ରୁଷ-ୟୁକ୍ରେନ ଯୁଧ ଭୟଙ୍କର ଅବସ୍ଥାରେ ଥିବାରୁ ତୃତୀୟ ବିଶ୍ୱଯୁଧର ଆଶଙ୍କା ଦିନକୁ ଦିନ ଘନୀଭୁତ ହେବା ସହ ସମଗ୍ର ପୃଥିବୀର ମାନବ ଜାତି, ଜୀବଜଗତ ଓ ପରିବେଶ ଜଗତ ପାଇଁ ଭୟଙ୍କର ବିପଦ ମାଡି ଆସୁଛି । ଭାରତ ଉଦ୍ୟମ କଲେ ପୃଥିବୀର ବୃହତ ଶକ୍ତି ଓ ରାଷ୍ଟ୍ର ମୁଖ୍ୟ ମାନଙ୍କୁ ପ୍ରବତାଇ ଯୁଧ ବନ୍ଦ କରିପାରିବା ସହ ଶାନ୍ତି ସଦ୍‌ଭାବ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ । ଏଭଳି ବକ୍ତବ୍ୟ ରଖିଛନ୍ତି ପଦ୍ମଶ୍ରୀ ଉପାଧି ପ୍ରାପ୍ତ ପୂଜ୍ୟ ପୂଜକ ତଥା ଓଡିଶାର ବିଶିଷ୍ଟ ସନ୍ଥ ବାବା ବାଳିଆ । ପଦ୍ମଶ୍ରୀ ପାଇବା ପରେ ପ୍ରଥମ କରି ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିବାକୁ ଆସି ଗୋପସ୍ଥିତ ରାମ ମନ୍ଦିର ରେ ଅବସ୍ଥାନ କାଳରେ ସାମ୍ବାଦିକଙ୍କ ସହ ବାର୍ତାଳାପରେ ଏହିଭଳି ମନ୍ତବ୍ୟ ଦେଇଛନ୍ତି । ଏହା ସହ ଏହି ଯୁଧକୁ ବନ୍ଦ କରିବା ପାଇଁ ବାବା ବଳିଆ ନିଜେ ଜାତିସଂଘ ଓ ପୃଥିବୀର ସବୁ ରାଷ୍ଟ୍ର ମୁଖ୍ୟଙ୍କୁ ବ୍ୟକ୍ତିଗତ ଭାବେ ପତ୍ର ଲେଖି ଏହି ବିନାଶକାରୀ ଯୁଧକୁ ବନ୍ଦ କରିବା ପାଇଁ ନିବେଦନ କରିବେ ବୋଲି ପ୍ରକାଶ କରିଛନ୍ତି ।







# ଆଇସକ୍ରିମ୍‌ର ଇତିହାସ

**ଖରାଦିନ ଆସିବା ମାତ୍ରେ ଥଣ୍ଡା ଖାଦ୍ୟର ଚାହିଦା ବଢ଼ିବାରେ ଲାଗେ । ଥଣ୍ଡା ପାନୀୟ, ଆଇସକ୍ରିମ୍, ତରଭୁଜ ମଜା ନେବାକୁ ପିଲାଠାରୁ ପ୍ରୌଢ଼ ସମସ୍ତେ ବ୍ୟଗ୍ର ହୋଇଥାନ୍ତି । ଆଉ ଆଇସକ୍ରିମ୍ କଥା ଉଠିଲେ ଜିଭରୁ ଲାଳ ଗଡ଼ିବା ସ୍ୱାଭାବିକ । ତେବେ ଖରାଦିନର ଏହି ପ୍ରିୟ ଖାଦ୍ୟର ଉତ୍ପତ୍ତି ସମ୍ପର୍କରେ ଜାଣିବାକୁ କିଏବା ନଚାହେଁ ତେବେ ଆସନ୍ତୁ ଜାଣିବା ଆଇସକ୍ରିମର ଇତିହାସ ସମ୍ପର୍କରେ**

◆ ଖ୍ରୀଷ୍ଟପୂର୍ବ ୨୦୦ରେ ଏକ ପ୍ରକାର ଆଇସକ୍ରିମ୍ ଚୀନରେ ପ୍ରସ୍ତୁତ ହୋଇଥିଲା ଯାହା କ୍ଷୀର ଓ ଚାଉଳ ମିଶ୍ରଣକୁ ବରଫ କରି ପ୍ରସ୍ତୁତ କରାଯାଇଥିଲା ଓ ପରେ ବରଫ ମଧ୍ୟରେ ପ୍ୟାକିଂ କରାଯାଇଥିଲା । ଚୀନରେ ଆଇସକ୍ରିମର ପ୍ରସ୍ତୁତି ପରେ ରୋମାନର ସମ୍ରାଟ ଏହାକୁ ଖାଇବା ପାଇଁ ତାଙ୍କ ଭୃତ୍ୟମାନଙ୍କୁ ଆଦେଶ ଦେଇଥିଲେ । ସେ ସେମାନଙ୍କୁ ପଠାଇ ପର୍ବତ ଚୋଟିରୁ କିଛି ସଦ୍ୟ ବରଫ ଆଣି ସେଥିରେ ଫ୍ଲେଭର ଦେଇ ଆଇସକ୍ରିମ୍ ପ୍ରସ୍ତୁତ କରି ଏହାକୁ ରାଜାଙ୍କୁ ପରଷିଥିଲେ ।

◆ ଆଇସକ୍ରିମ୍ ହେଉଛି ଏପରି ଖାଦ୍ୟ ଯାହା ଚୀନରେ ୬୧୮-୯୭ ଖ୍ରୀଷ୍ଟାବ୍ଦରେ ବରଫାଞ୍ଚଳରେ ବହୁଥିବା କିଙ୍ଗ ଟାଙ୍ଗ ଶାଙ୍ଗ ୯୪ଜଣ ବ୍ୟକ୍ତିଙ୍କୁ ମଇଁଷି କ୍ଷୀର, ମଇଦା ଓ କର୍ପୂରରେ ଆଇସକ୍ରିମ କରିବାକୁ କହିଥିଲେ । ଏହାପରେ ପରେ ଇଂଲଣ୍ଡର ସମ୍ରାଟ ଚାର୍ଲସ ତାଙ୍କ ରୋଷେୟାଙ୍କୁ ୫୦୦ ହଲାର ଦେଇ ଗୁପ୍ତରେ ଆଇସକ୍ରିମ ପ୍ରସ୍ତୁତ କରାଇଥିଲେ ।

◆ ପରେ ୧୨୫୪-୧୩୨୪ ଖ୍ରୀଷ୍ଟାବ୍ଦରେ ମାର୍କୋପୋଲୋ । ଏହାର ପ୍ରସ୍ତୁତିକୁ ଚୀନରୁ ଦେଖି ଇଟାଲୀରେ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ଏହିପରି ଧୀରେ ଧୀରେ ଏହା ବିଶ୍ୱବ୍ୟାପୀ ଲୋକାଦୃତ ହୋଇପାରିଲା । ବିଦେଶରୁ ଆସିଥିବା ଏହି ବ୍ୟଞ୍ଜନଟି ବର୍ତ୍ତମାନ ଭାରତରେ ବହୁମାତ୍ରାରେ ଲୋକପ୍ରିୟ ହୋଇପାରିଛି । ବର୍ତ୍ତମାନ ଏହା ୧୨୦ରୁ ଉର୍ଦ୍ଧ୍ୱ ଫ୍ଲେଭରରେ ଉପଲବ୍ଧ ହେଉଛି ।

## ଆଇସକ୍ରିମ୍‌ର ପ୍ରସ୍ତୁତି

ସାମଗ୍ରୀ- ଫ୍ରେସ କ୍ରିମ୍-୨୫୦ଗ୍ରାମ
କଣ୍ଡେନ୍ସଡ୍ ମିଲ୍କ-୨୦୦ଗ୍ରାମ
ଭାନିଲା ଏସେନ୍ସ ଅଳ୍ପ

### ପ୍ରସ୍ତୁତି:

ପ୍ରଥମେ ଗୋଟିଏ ବଡ଼ ପାତ୍ରକୁ ୧୫ରୁ ୨୦ ମିନିଟ୍ ଫ୍ରିଜରେ ରଖି ଥଣ୍ଡା କରିଦେବେ । ଫ୍ରେସ୍ କ୍ରିମକୁ ମଧ୍ୟ ଥଣ୍ଡା କରି ରଖିବେ । ଥଣ୍ଡା ପାତ୍ରରେ ଫ୍ରେସ କ୍ରିମକୁ କାଢ଼ିଦିଅନ୍ତୁ । ଯଦି ହ୍ୟାଣ୍ଡ ଗ୍ରାଇଣ୍ଡର ଅଛି ତେବେ ତାହାକୁ ୮ରୁ ୧୦ମିନିଟ୍ ଭଲରେ ଗ୍ରାଇଣ୍ଡିଂ କରିନିଅନ୍ତୁ । ହାଣ୍ଡଗ୍ରାଇଣ୍ଡର ନଥିଲେ ଗ୍ରାଇଣ୍ଡରରେ ଭଲରେ ମିଶାଇଦିଅନ୍ତୁ । ସେଥିରେ କିଛି କଣ୍ଡେନସଡ ମିଲ୍କ ମିଶାନ୍ତୁ ଓ ଅଳ୍ପ ଭାନିଲା ଏସେନ୍ସ ମିଶାନ୍ତୁ । ତାହାକୁ ବର୍ତ୍ତମାନ ଆଉଥରେ ଗ୍ରାଇଣ୍ଡ କରିନିଅନ୍ତୁ । ଯେତେ ଅଧିକ ସମୟ ଗ୍ରାଇଣ୍ଡ କରିବେ ଆଇସକ୍ରିମ ମିଶ୍ରଣଟି ସେତେ ସ୍ମୁଥ ହେବ । ଏକ ପ୍ଲାଷ୍ଟିକ୍ ଡବାକୁ ପୂର୍ବରୁ ଫ୍ରିଜରେ ରଖି ଥଣ୍ଡା କରିନିଅନ୍ତୁ । ସେଥିରେ ଆଇସକ୍ରିମ ମିଶ୍ରଣକୁ ଢ଼ାଳି ଡବାର ଘୋଡଣି ଦେଇଦିଅନ୍ତୁ । ଏହାପରେ ଡବାଟିକୁ ୧୦-୧୨ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖନ୍ତୁ । ଏହିପରି ଭାବେ ପ୍ରସ୍ତୁତ ହୋଇଯିବ ଭାନିଲା ଆଇସକ୍ରିମ । ଚାହିଁଲେ ଏଥିରେ ଚକୋଲେଟ୍ ଗ୍ରାଇଣ୍ଡ କରି ଓ ଚକୋଚିପ୍ସ ପକାଇ ଚକୋଲେଟ୍ ଆଇସକ୍ରିମ୍ ମଧ୍ୟ ରେ ପ୍ରସ୍ତୁତ କରିପାରିବେ ।

# ସମର ଫ୍ୟାଶନ୍

**ଖରାଦିନେ ଫ୍ୟାଶନ୍ କୁଲ୍ ହେବା ଦରକାର । ଏପରି ଡ୍ରେସ୍ ବାଛନ୍ତୁ ଯାହାକି ଆପଣଙ୍କୁ ହାଲକା ଏବଂ କମ୍ଫର୍ଟେବୁଲ ଲାଗିବ । ଗେଟ୍‌ଅପ୍ ୟୁନିକ୍ ହେବା ସହ ଟ୍ରେଣ୍ଡି ବି ଲାଗିବେ....**

### କଲର ପ୍ରତି ଧ୍ୟାନ ରଖନ୍ତୁ:

ଖରାଦିନେ ଡ୍ରେସ୍ ମ୍ୟାଟେରିଆଲ ସହ କଲର ପ୍ରତି ଧ୍ୟାନ ଦିଅନ୍ତୁ । କଟନ୍ ମିକ୍ସ ସିଲ୍କ, ସିଫନ୍, ନାଇଲନ୍, ଜରଜେଟ୍ କିମ୍ବା ହାଣ୍ଡଲୁମ ଡ୍ରେସ ଆପଣାନ୍ତୁ । ଏହି ଦିନେ ଗରମରୁ ବର୍ତ୍ତିବା ପାଇଁ ଅନେକ ସ୍ଲିଭଲେସ ଡ୍ରେସ୍ ପିନ୍ଧିଥାନ୍ତି । ହେଲେ ଏହାଦ୍ୱାରା ତ୍ୱଚାରେ ଟ୍ୟାନିଂ ହୋଇଥାଏ । ତେଣୁ ଖରାରେ ବାହାରକୁ ଯିବବେଳେ କଟନ ଏବଂ ଫୁଲ ସ୍ଲିଭ ଡ୍ରେସ ପିନ୍ଧନ୍ତୁ । ରାତିରେ ଆପଣ ଚାହିଁଲେ ସ୍ଲିଭଲେସ୍ ଡ୍ରେସ୍ ପିନ୍ଧିପାରିବେ ।



### ହେଭିଓ୍ୱର୍କ ଡ୍ରେସ୍ ପିନ୍ଧନ୍ତୁ ନାହିଁ:

କଟନ୍ ଏବଂ ସିଫନର ଡ୍ରେସ ଫର୍ମାଲ ଲୁକ୍ ପାଇଁ ପିନ୍ଧନ୍ତୁ । ଏହିଦିନେ ନାଇଲନ୍ ଏବଂ ଜରଜେଟର ଲଙ୍ଗ ସ୍କର୍ଟ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଖଦିର ଢ଼ିଲା କୁର୍ତ୍ତା ସହ ଚୁଡ଼ିଦାର ସାଲଓ୍ୱାର ବି ପିନ୍ଧିପାରିବେ ।

### ଏହି କପଡ଼ାଠାରୁ ଦୂରରେ ରୁହନ୍ତୁ:

ସିଲ୍କ, ସାଟିନ୍, ସିନ୍ଥେଟିକ୍, ନାଇଲନ୍, ଭେଲଭେଟ୍ କପଡ଼ା ଏହିଦିନେ ପିନ୍ଧିବା ଦ୍ୱାରା ତ୍ୱଚାରେ ବେଳେ ଇନଫେକସନ୍ ହୋଇଥାଏ । ହେଭି ଫ୍ୟାବ୍ରିଫେକସନ୍ ହୋଇଥାଏ । ହେଭି ଫ୍ୟାବ୍ରିକର କପଡ଼ା ପିନ୍ଧନ୍ତୁ ନାହିଁ, ଯାହାକୁ ସମ୍ଭାଳିବା କଷ୍ଟକର ହୋଇଥାଏ ।

ଖରାଦିନେ ଘେର ଥିବା କୁର୍ତ୍ତା, ଜରଜେଟ୍ କିମ୍ବା ସିଫନ୍ କପଡ଼ାରେ ଥିବା ଫ୍ଲୋରାଲ ପ୍ରିଣ୍ଟ, କଟନ୍ ସିଲ୍କ, ଟସରର ବ୍ୟବହାର ଅଧିକ ହୋଇଥାଏ । ଅଧିକ ବ୍ରାଇଟ୍ କଲର ଥିବା ଡ୍ରେସ୍ ପିନ୍ଧନ୍ତୁ ନାହିଁ । ନାଇଲନ୍ ଏବଂ କଟନ୍ କପଡ଼ାର ବ୍ୟବହାର କରନ୍ତୁ । ବ୍ରସ୍ ପେଣ୍ଟିଂର ହାଇ ପେଣ୍ଟିଂ ଡ୍ରେସ୍ ଆପଣାନ୍ତୁ ।

ଟାଇଟ୍‌ଫିଟିଂ ଡ୍ରେସ୍ ଆପଣଙ୍କ ଗେଟ୍ ଅପକୁ ସୁନ୍ଦର ଲାଗିଥାଇପାରେ, କିନ୍ତୁ ଖରାଦିନେ ଏହା ଆପଣଙ୍କୁ କମ୍ଫର୍ଟେବୁଲ ଲାଗିବ ନାହିଁ । ବରଂ ଶରୀରରୁ ଅଧିକ ଝାଳ ବାହାରିବ । କ୍ୟାପ୍ରି ସହିତ କୁର୍ତ୍ତା କିମ୍ବା ଢ଼ିଲା ପ୍ୟାଣ୍ଟ ସହ କଟନ୍ ଶାର୍ଟ ଆପଣଙ୍କୁ ବେଶ୍ ଭଲ ଲାଗିବ ।



# ବହୁମୂତ୍ରର ପ୍ରତିକାର

**ମେଥି:**
୨ରୁ୩ ଚାମଚ ମେଥି ଗୁଣ୍ଡ ମାଣିରେ ମିଶାଇ ଖାଲି ପେଟରେ ପ୍ରତିଦିନ ସକାଳୁ ପିଇଲେ ଏହି ରୋଗକମିଯାଏ । ଏହା ସହିତ ପାଖୁଡ଼ା ରସୁଣ ଖାଇଲେ ଅଧିକ ଉପକାର ମିଳେ ।

**କୋଳଥ:**
୧୫ଗ୍ରାମ କୋଳଥକୁ ପାଣିରେ ଦିନେ ବତୁରାଇ ରଖନ୍ତୁ । ଏହାକୁ ଛାଣି ଖଶଲି ପେଟରେ ପ୍ରତିଦିନ ପିଇଲେ ବହୁମୂତ୍ର ରୋଗ କମିଯାଏ ।

**ଜାମୁକୋଳି:**
ପାଚିଲା ଜାମୁକୋଳି ମଞ୍ଜିକୁ ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡକୁ ସକାଳେ ଖଶଲି ପେଟରେ ଏକ ଚାମଚ ଖାଇଲେ, ବହୁମୂତ୍ର ରୋଗରୁ ମୁକ୍ତି ମିଳେ ।

**ଡିମିରି ଚେର:**
ଏହି ଗଛର ଚେରକୁ ବାଟି ଏକ ମାଟିପାତ୍ରରେ ରଖନ୍ତୁ । ଖାଲି ପେଟରେ ପ୍ରତିଦିନ ୨ରୁ୪ଚାମଚ ଲେଖାଁଏ ଖାଇଲେ ବହୁମୂତ୍ର ରୋଗରୁ ଉପଶମ ମିଳିଥାଏ ।







# ସେଓ

ଇଂରାଜୀରେ ଏକ ଢ଼ଗ ଅଛି- 'ଆନ ଏପଲ ଏଡେ, କିପସ ଦ ଡକ୍ଟର ଆୱେ'- ଅର୍ଥାତ୍ ଗୋଟିଏ ସେଓ ଖାଅ ଓ ଡାକ୍ତରଙ୍କୁ ଦୂରରେ ରଖ ।' ପୌଷ୍ଟିକ ତତ୍ତ୍ୱରେ ଭରପୂର ଏହି ସ୍ୱାଦିଷ୍ଟ ଫଳ କେବଳ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ ନାହିଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୁଏ । ଏହା ହୃଦରୋଗ କର୍କଟ, ମଧୁମେହ ପରି ସାଂଘାତିକ ରୋଗ ସହ ପାର୍କିନସନ ଓ ଆଲଜାଇମର ପରି ମସ୍ତିଷ୍କ ଜନିତ ରୋଗ ତଥା ଉପସ୍ୱର୍ଗକୁ ମଧ ଦୂରରେ ରଖେ । ଏଥିରେ ପ୍ରଚୁର ପରିମାଣର ଫାଇବର ଥିବାରୁ ପାଚନ କ୍ରିୟା ସହଜ ହୁଏ । ଏହା ଏକ ଉତ୍ତମ ଆଣ୍ଟିଅକ୍ସିଡାଣ୍ଟ । ଏହା ନିୟମିତ ଖାଇଲେ ଶରୀରରେ ଥିବା ଗ୍ଲୁକୋଜର ମାତ୍ରା ସନ୍ତୁଳିତ ହୁଏ ।



### ଗୁଣ ଓ ଫାଇଦା

ରକ୍ତହୀନତା ଦୂର କରେ ।
ଏଥିରେ ଥିବା କ୍ୱାରସିଟିନ କୋଷକୁ କବଚ ପରି ରକ୍ଷାକରେ । ନିୟମିତ ଖାଇଲେ କର୍କଟ ରୋଗର ଆଶଙ୍କା ହ୍ରାସ ପାଏ ।
କୋଲେଷ୍ଟ୍ରଲକୁ ନୟନ୍ତଣରେ ରଖେ
ଶରୀରର ଓଜନ ହ୍ରାସ କରେ ।
ଯକୃତ ସୁସ୍ଥ ରଖେ ।
କୋଷ୍ଠକାଠିନ୍ୟ ଦୂରକରେ ।
ଦାନ୍ତକୁ ସୁସ୍ଥ ରଖେ ।
ବୋବେଲ ସିଣ୍ଡ୍ରୋମଜନିତ ଝାଡ଼ା , କୋଷ୍ଠକାଠିନ୍ୟ ଏବଂ ଦାନ୍ତ ବ୍ୟଥାକୁ ଦୂର କରେ ।
ମୁହଁରେ ବାର୍ଦ୍ଧକ୍ୟଜନିତ ଭାଙ୍ଗ ଓ ଦାଗ ହଟାଇବାରେ ସହାୟକ ହୁଏ ।

# ବିଛଣା ସାଜିପାରେ ରୋଗର କାରଣ

ଦିନସାରା ପରିଶ୍ରମ ପରେ ମନ ଚାହେଁ ଟିକିଏ ବିଛଣାରେ ଗଡ଼ିଯିବାକୁ । କିନ୍ତୁ ଜାଣନ୍ତି, ଏହି ବିଛଣା ଆପଣଙ୍କ ସ୍ୱାସ୍ଥ୍ୟର ଲୁକ୍କାୟିତ ଶତ୍ରୁ । ଅନେକ ଅଛନ୍ତି, କୌଣସି ରୋଗ ନଥିଲେ ବି ବାରମ୍ବାର ଆଲର୍ଜି, ସଂକ୍ରମଣ, କାଶ ଏବଂ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ଯେତେ ଔଷଧ ସେବନ କଲେ କି ଆଣ୍ଟିବାୟୋଟିକ୍ ନେଲେ କିଛି କାମ କରେନାହିଁ । ଏଭଳି ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ଔଷଧ ସେବନ ପରିବର୍ତ୍ତେ ପ୍ରଥମେ ନିଜ ତକିଆ ପରିବର୍ତ୍ତନ କରନ୍ତୁ । ଅନେକ ଗବେଷଣା ପରେ ତଥ୍ୟ ସାମ୍ନାକୁ ଆସିଛି ଯେ, କୌଣସି ତକିଆକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବ୍ୟବହାର କଲେ ତାହା ସ୍ୱାସ୍ଥ୍ୟ ବିଗିଡ଼ିବାର ପ୍ରମୁଖ କାରଣ ପାଲଟିଥାଏ । ତକିଆ ଏବଂ ବିଛଣା ସହ ଜଡ଼ିତ ଏକ ଗବେଷଣାରୁ ଜଣାପଡ଼ିଛି, ଏହାକୁ ଅଧିକ ବର୍ଷ ବ୍ୟବହାର କରିବା ଦ୍ୱାରା ସେଥିରେ ଥିବା ଡେଡ୍ ସ୍କିନ୍ ସେଲ୍ସ ଯୋଗୁ ବିଭିନ୍ନ ପ୍ରକାର ଜୀବାଣୁ, କୀଟାଣୁ ଏବଂ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ଏହା ନିଃଶ୍ୱାସ ସହ ଆମ ଶରୀର ଭିତରକୁ ପ୍ରବେଶ କରିଯାନ୍ତି । ଫଳରେ ବାରମ୍ବାର ରୋଗରେ ପଡ଼ିବାକୁ ହୁଏ । ଅନେକ ସମୟରେ ଏହି ବ୍ୟାକ୍ଟରିଆ ଚର୍ମ ସଂକ୍ରମଣର କାରଣ ମଧ୍ୟ ପାଲଟିଥାଏ ।

# ସୁନ୍ଦର ସନଗ୍ଲାସ



ଖରାଦିନ ଆସିଲାଣି ମାନେ ସନଗ୍ଲାସ୍ ପ୍ରଥମ ଆବଶ୍ୟକତା ହେବ । ତେବେ କିଣିବାକୁ ଗଲାବେଳେ ନିଜ ମୁହଁକୁ କେଉଁଟି ଭଲ ଲାଗିବ ଏବଂ ଖରାରୁ ସୁରକ୍ଷା ଦେବ ବୋଲି ଚିନ୍ତାରେ ପଡ଼ିଯା'ନ୍ତି । ଏମିତି ସନଗ୍ଲାସ୍ କିନ୍ତୁ ପ୍ରତ୍ୟେକ ମୁହଁକୁ ମାନିଥାଏ ଏବଂ ଖରାରୁ ସୁରକ୍ଷା ଦେବା ସହିତ ବ୍ୟକ୍ତିତ୍ୱକୁ ଅଧିକ ପ୍ରଭାବଶାଳୀ କରେ ।

**ଆଭିଏଟର୍ସ:** ବଜାରରେ ଭିନ୍ନ ଭିନ୍ନ ରଙ୍ଗର ଏହି ସନଗ୍ଲାସ ମିଳୁଥିଲେ ବି ଗାଢ଼ ସବୁଜ, ନୀଳ, ଧୂସର ଏବଂ କଳାର ଚାହିଦା ଅଧିକ । ଏହା ପ୍ରତ୍ୟେକ ବ୍ୟକ୍ତିତ୍ୱକୁ ଭଲ ଲାଗେ ।

**ଓଭରସାଇଜ:** ବହୁଦିନ ଧରି ଓଭରସାଇଜ ବା ଆବଶ୍ୟକତାଠାରୁ ବଡ଼ ଆକାରରର ସନଗ୍ଲାସ୍ ଫେଶନରେ ରହିଆସିଛି । ଅବଶ୍ୟ ଏହାର ଫ୍ରେମରେ ପରିବର୍ତ୍ତନ ଦେଖିବାକୁ ମିଳେ । ଗୋଲ ସ୍ଥାନରେ ଜ୍ୟାମିତିକ ଆକାର ଚାରିଗୋଣିଆ ଫ୍ରେମ ଯୁବପିଢ଼ିଙ୍କ ପାଇଁ ଭଲ ବିକଳ୍ପ ।

**ଭେଲଭେଟ ଫ୍ରେମ:** ଏହି ଚଷମା ଉପରେ ପ୍ରାୟ ସମସ୍ତଙ୍କ ନଜର ଲାଖି ରହେ । ଏହାର ଏକାଧିକ ସେଡ୍ ବଜାରରେ ଉପଲବ୍ଧ ଥିବାବେଳେ ଯେକୌଣସି ପୋଷାକ ସହିତ ଏହାକୁ ପିନ୍ଧିହେବ ।

**ୱେଫେରର୍ସ:** ଏହା ବିଶେଷ କରି ଭ୍ରମଣରେ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ । ଏହା ପ୍ରତ୍ୟେକ ମୁହଁକୁ ଭଲ ମାନୁଥିବାରୁ ଫେଶନରେ ଏହାର ଚାହିଦା ବଢ଼ିଯାଇଛି ।

# ରୋଷେଇ ଘର ଟିପ୍ସ:

**ଆଜିର ସମୟରେ କେବଳ ମହିଳାମାନେ ନୁହେଁ, ବରଂ ପୁରୁଷମାନେ ମଧ୍ୟ ରୋଷେଇ କରିବାରେ ରୁଚି ରଖୁଛନ୍ତି । ଏ ବାବଦରେ ନାମୀ ସେଫ ସଞ୍ଜୀବ କପୁରଙ୍କ ମତ ଏଭଳି କୌଣସି ନିୟମ ନାହିଁ । ଯେ ମହିଳା ହିଁ ରୋଷେଇ କରିବେ । ଏଣୁ ଏ କ୍ଷେତ୍ରରେ ବର୍ତ୍ତମାନ ଉଭୟ ପୁରୁଷ ଓ ମହିଳା ଆଗୋଉଥିବାର ଦେଖାଯାଉଛି । ଭଲ ରାନ୍ଧଣା ନିମନ୍ତେ ସେଫ୍ କେତୋଟି ଟିପ୍ସ ଦେଇଛନ୍ତି ।**

- ପରଟାକୁ ଅଧିକ ସୁଆଦିଆ କରିବାକୁ ଚାହୁଁଥିଲେ ଅଟା ଚକଟିବା ସମୟରେ ଅଳ୍ପ ସିଝା ଆଳୁ ମିଶାଇ ଦିଅନ୍ତୁ। ଗରମଗରମ ଏଇ ପରଟା ଖାଇଲେ ତାର ସ୍ୱାଦ ଭଲ ହୋଇଥାଏ ।
- କୌଣସି ଏକ ତରକାରିକୁ ଗାଢ଼ା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବେସନ ମିଶା ପାଣି ମିଶାଇ ରାନ୍ଧନ୍ତୁ । ତରକାରି ସ୍ୱାଦିଷ୍ଟ ଲାଗିବା ସହ ଗାଢ଼ା ହୁଏ ।
- ପକୁଡ଼ି ତିଆରି କରିବା ପୂର୍ବରୁ ସାମାନ୍ୟ ଉଷୁମ ତେଲ ବେସନ ଘୋଳରେ ମିଶାଇ ପ୍ରସ୍ତୁତ କଲେ, ପକୁଡ଼ି କୁରୁକୁରିଆ ହୋଇଥାଏ ।
- ଭେଣ୍ଡି ଭଜାକୁ ଅଧିକ ସମୟତାଜା ରଖିବାକୁ ଚାହୁଥିଲେ, ରୋଷେଇ ପୂର୍ବରୁ ଭେଣ୍ଡିରେ ଅଳ୍ପ ସୋରିଷ ତଲେ ଲଗାଇଥ ରଖନ୍ତୁ ।
- ଦହିରେ ଜିରା- ହେଙ୍ଗୁ ଗୁର୍ଡ ଭଜା ମିଶାଇ ଖାଇବା ପରିବର୍ତ୍ତେ ଜିରା-ଗୁଣ୍ଡର ଛୁଙ୍କ ଲଗାଇ ଖାଆନ୍ତୁ। ସ୍ୱାଦ ଖୁବ ଭଲ ଆସିଥାଏ ।
- ରାଜମା କିମ୍ବା ହରଡ଼ ଡାଲି ସିଝାଉଥିବା ସମୟରେ ଲୁଣ ମିଶାନ୍ତୁ ନାହିଁ । ବରଂ ସିଝିଗଲା ପରେ ଲୁଣ ମିଶାନ୍ତୁ । ଏଇ ଉପାୟ କରିଲେ ଜାଣିପାରିବେ ଯେ ଡାଲି କେତେ ଶୀଘ୍ର ସିଝୁଛି ?
- ଅଟା ପୁରି ତିଆରି କରୁଥିଲେ ଚକଟିବା ସମୟରେ ଅଳ୍ପ ଚିନି ମିଶାନ୍ତୁ । ପୁରି ଭଲ ଭାବେ ଫୁଲିଥାଏ ।
- ଛେନା ଟାଣ ହୋଇଯାଇଥିଲେ ଏକ ସରଳ ଉପାୟ କରନ୍ତୁ । ନଖ ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ ସେଥିରେ ଛେନା ୧୦-୧୨ ମିନିଟ ରଖନ୍ତୁ । ଦେଖିବେ ଛେନା ନରମ ହୋଇଯିବ ।
- ବିରିୟାନୀ କିମ୍ବା ପଲାଉ ପ୍ରସ୍ତୁତ କରୁଥିଲେ ଫୁଟା ପାଣିରେ ଲେମ୍ବୁ ଫାଳେ ଚିପୁଡ଼ି ଦିଅନ୍ତୁ । ଏଇ ଉପାୟରେ ପ୍ରସ୍ତୁତ ଭାତର ସ୍ୱାଦ ଖୁବ ଭଲଲାଗେ ।



# ଜୋତା ଗନ୍ଧାଇବନି

କେତେକଙ୍କର ପାଦ ଝାଳଉଥିବାରୁ ଏବଂ ଜୋତା କୌଣସି କାରଣରୁ ଓଦା ହୋଇଥିଲେ ଅନେକ ସମୟରେ ଏଥିରୁ ଖୁବ ଦୁର୍ଗନ୍ଧ ବାହାରେ । ଖରାରେ ରଖିଲେ କିମ୍ବା କର୍ପୂର ଦେଲେ ହୁଏତ ଏଥିରୁ କିଛିଟା ମୁକ୍ତି ମିଳେ, ତେବେ ଏହା ସମୟସାପେକ୍ଷ ଏବଂ ସେତେ ସୁଫଳ ଦିଏନାହିଁ । ଏହି ସମସ୍ୟାର ସମାଧାନ ଲାଗି ପାନାସୋନିକ ଏକ ସୁ ଡିଓଡୋରାଇଜର ପ୍ରସ୍ତୁତ କରିଛି । ଏମଏସ ଡିଏସ ୧୦୦ ସୁ ଡିଓଡୋରାଇଜର ନାନୋ ଏକ୍ସ ଟେକନୋଲୋଜିଯୁକ୍ତ । ଏହା ଜୋତା ଭିତରକୁ ହାଇଡ୍ରୋକ୍ସିଲ ରାଡିକାଲ ଥିବା ଆୟନ କଣିକା ଛାଷଡ ଯାହା ଦୁର୍ଗନ୍ଧକୁ ଶେଷ କରିଦିଏ । ଏହା ନର୍ମାଲ ଏବଂ ଲଙ୍ଗ-ଦୁଇଟି ମୋଡରେ କାର୍ଯ୍ୟ କରିଥାଏ । ଏ ଦୁଇଟିଯାକ ମୋଡ ଯଥାକ୍ରମେ ୫ବଂ ୭ଘଣ୍ଟା ନେଇଥାନ୍ତି । ଜୋତା ମାତ୍ରାଧିକ ଗନ୍ଧାଉଥିଲେ ଲଙ୍ଗ ମୋଡରେ ରଖିବା ଉଚିତ । ଡିଓଡୋରାଇଜରର ପ୍ଲଗକୁ ବିଦ୍ୟୁତ ସଂଯୋଗ କରି ଏହାର ବିପରୀତ ପାର୍ଶ୍ୱଟିକୁ ଜୋତାରେ ଲଗାଇଲେ ଏହା କାମ କରିଥାଏ । ଅନଲାଇନରେ ଏହାକୁ ଖୋଜିପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂଗ୍ରାମ ନିରନ୍ତର ହେଉ...

ବର୍ଷର ଗୋଟିଏ ଦିନ । ବିଶ୍ୱର ୬୫୦ କୋଟିରୁ ଉର୍ଦ୍ଧ ଜନସଂଖ୍ୟାର ଅର୍ଦ୍ଧେକଙ୍କ ପାଇଁ ସେମାନଙ୍କ ଅଧିକାର, ସମ୍ମାନ ଦାବି କରିବା ସକାଶେ ପର୍ଯ୍ୟାପ୍ତ କି ? ସମ୍ଭବ ନୁହେଁ । ଏହା ସଂକେତିକ ହୋଇପାରେ, କିନ୍ତୁ ସଂପୂର୍ଣ୍ଣ ନୁହେଁ । ସମୟ ଆସିଛି ଏହାକୁ ବର୍ଷ ତମାମ, ପ୍ରତିଦିନ ପ୍ରତି ମୁହୂର୍ତ୍ତିରେ ଓ ପ୍ରତ୍ୟେକ ସ୍ଥାନରେ ଜାରି ରଖିବାକୁ ହେବ । ଏହି ଚିନ୍ତାଧାରା, ଏହି ସଂଗ୍ରାମ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ତାହା ସମସ୍ତଙ୍କୁ ସଚେତନ କରାଇ ଚାଲିଛି । କରି ଚାଲିଥିବ । ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖ ଦିନଟିକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରାଯାଇ ଆସୁଛି । ଏହି ଧାରା ଦୀର୍ଘ ବର୍ଷ ଧରି ଜାରି ରହିଛି । କିନ୍ତୁ ଏଯାବତ୍ ଉଦ୍ଦିଷ୍ଟ ଲକ୍ଷ୍ୟ ସାଧିତ ହୋଇପାରି ନାହିଁ । ଆଧୁନିକ ସମାଜର ପ୍ରଗତି ସହ ଇତିହାସର କେଉଁ ମୋଡ଼ରେ ମହିଳାମାନେ ପଛରେ ପଡ଼ିଲେ ତାର ତାତ୍ତ୍ୱିକ ବିଶ୍ଳେଷଣରୁ ଯେଉଁ ନିର୍ଯ୍ୟାସ ବାହାରୁ ପଛକେ, ଏହା ଯେ ପରିବାରଠାରୁ ନେଇ ସାମାଜିକ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ପ୍ରଗତିର ଧାରାକୁ ଅସନ୍ତୁଳିତ କରିପକାଇଛି ତାହା ଅନସ୍ୱୀକାର୍ଯ୍ୟ । ଯେତେବେଳେ ଏହି ଦୁର୍ବଳତାକୁ ଚିହ୍ନଟ କରାଗଲା ଓ ପ୍ରତିକାର ଉପାୟ ଚିନ୍ତା କରାଗଲା, ସେତେବେଳକୁ ସମାଜରେ ଯେଉଁ କ୍ଷତିସାଧନ ହେବା କଥା ତାହା ମାତ୍ରାତିରିକ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଏହା କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ର, ଜାତି, ଗୋଷ୍ଠୀ ଆଉ ସମାଜ ପ୍ରତି ଆକ୍ଷେପ ନୁହେଁ, ବରଂ ସର୍ବତ୍ର ଜଳଜଳ ହୋଇ ଦୃଶ୍ୟ ହେଉଥିବା ବାସ୍ତବତା। ନାରୀକୁ ଦୁର୍ବଳା ବୋଲି ବିବେଚନା କଲାବେଳେ ପରିବାର ଅବା ସମାଜ ପ୍ରତି ତା'ର ମହତ୍ତ୍ୱପ ଅବଦାନକୁ ଉପଯୁକ୍ତ ଭାବେ ଚିନ୍ତା ସୁଦ୍ଧା କରାଯାଇନଥିଲା। ପାଚୀନ ଯୁଗ ହେଉ ଅବା ମଧ୍ୟ ଅଥବା ଆଧୁନିକ କାଳ, ଗ୍ରୀସ୍ ହେଉ କିମ୍ବା ମେସୋପୋଟାମିଆ ଅବା ମହେଞ୍ଜୋଦାରୋ, ଇଟାଲି ହେଉ କି ଜାପାନ, ପାରସ୍ୟ ହେଉ କି ଭାରତ, ଅନେକ ବିଦୁଷୀ, ପ୍ରାଜ୍ଞି ଓ ସାହସିନୀ ନାରୀ ଓ ସେମାନଙ୍କ ଗୌରବ ଗାଥା ଆମେ ଅଦ୍ୟାବଧି ଶୁଣିବାକୁ, ପଢ଼ିବାକୁ ପାଉ । ସେମାନଙ୍କୁ ଆମେ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରୁ । କିନ୍ତୁ ତାହା କାର୍ଯ୍ୟତଃ ପରିଣତ ହୁଏନାହିଁ । ସେହି ରୁଗ୍ଣ ମାନସିକତା ଆମକୁ ଆକ୍ରାନ୍ତ କରେ- ନାରୀ ଦୁର୍ବଳା- ସେକେଣ୍ଡ ସେକ୍ସ । କିନ୍ତୁ ବିପ୍ଳବର କଥା ଚିନ୍ତା କଲାବେଳେ, ପ୍ରତିବାଦର ସ୍ୱର ଉତ୍ତୋଳନ ବେଳେ ନାରୀଟି ଥାଏ ସର୍ବାଗ୍ରେ । ତାହା ୟୁକ୍ରେନ ଭିତରକୁ ରୁଷ ଟ୍ୟାଙ୍କକୁ ପ୍ରବେଶ କରାଇ ନଦେବାର ପ୍ରତିବାଦ ହେଉ କି ତିଆନାନମେନ ଚୌକରେ ଗଣତନ୍ତ୍ରର ବସନ୍ତ ଦାବି କରି ହେଉ । ସରକାରୀ ଦପ୍ତର ସାମ୍ନାରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ହେଉ ଅବା ମହାକାଶକୁ ଯାତ୍ରା କରିବାରେ ହେଉ । ସଂସାର ଏକ ସନ୍ତୁଳନରେ ତିଷ୍ଠିରହେ ଓ ଅଗ୍ରଗତି କରେ। ତାହା ହେଉଛି ପରସ୍ପର ଦୁଇ ବିରୋଧୀ (ଏବଂ ପରସ୍ପରକୁ ଆକର୍ଷିତ କରୁଥିବା) ଶକ୍ତିର ସମାନୁପାତିକ ପ୍ରକ୍ରିୟାରେ । ସେତେବେଳେ ଆମେ ନିଜେ ବୁଝିବାକୁ ହୁଏତ ଏହାକୁ ଧନାତ୍ମକ କି ଋଣାତ୍ମକ ବୋଲି ନାମିତ କରିପାରୁ । କିନ୍ତୁ ସେଥିରେ ସମ-ବିସମ ଅଥବା ସବଳ-ଦୁର୍ବଳ, ସାନ-ବଡ଼ ବୋଲି କିଛି ନଥାଏ । ଉଭୟେ ପରସ୍ପର ପରିପୂରକ ଓ ଜୀବନୀ ଶକ୍ତି । ଆଧାତ୍ମବାଦୀମାନେ ଈଶ୍ୱରଙ୍କୁ ଉଭୟ ନାରୀ ଓ ପୁରୁଷ ସତ୍ତାର ସମାହାର ବୋଲି ହେତୁ କରନ୍ତି । ଅର୍ଥାତ୍ ଯିଏ ନାରୀ ସିଏ ପୁରୁଷ । ଯିଏ ପୁରୁଷ ସିଏ ନାରୀ । ଜନୈକ ପାଶ୍ଚାତ୍ୟ ଦାର୍ଶନିକଙ୍କ ମତରେ- ମଣିଷର ଲିଙ୍ଗ ନିରୂପଣ ସମାଜକୁ ଦୁଇ ଭାଗରେ ବିଭାଜିତ କରିଦେଲା । ଅନ୍ୟଥା ମଣିଷ ଏକ। ତଥାପି ଏକବିଂଶ ଶତାବ୍ଦୀରେ ସୁଦ୍ଧା ନାରୀ-ପୁରୁଷ, ସବଳ-ଦୁର୍ବଳ ଭଳି ଭାବନା ଘୁଣପୋକ ସଦୃଶ ଆମ ଚିନ୍ତାଧାରାର ମଞ୍ଜିକୁ ଆକ୍ରାନ୍ତ କରିଚାଲିଛି । ତାହା ଚିନ୍ତାରେ, ଦୃଷ୍ଟିଭଙ୍ଗୀରେ ଓ କାର୍ଯ୍ୟରେ ପରିଲକ୍ଷିତ ହେଉଛି । ସାମାଜିକ ସନ୍ତୁଳନ ବିଗିଡ଼ି ଯାଉଛି । ତେଣୁ ଏଥିପାଇଁ କେବଳ ମହିଳାମାନଙ୍କୁ ନୁହେଁ, ସାମଗ୍ରିକ ଭାବେ ସମାଜକୁ ସ୍ୱର ଉତ୍ତୋଳନ କରିବାକୁ ହେବ । ଯଥାର୍ଥରେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ଶୀର୍ଷକ 'ଆମେ ପରିବୁ-ଅବଶ୍ୟ ପାରିବୁ' ରଖାଯାଇଛି । ଏହି ଲକ୍ଷ୍ୟ ଯେତେଶୀଘ୍ର ହାତକୁ ଆସିବ, ଶୁଭଙ୍କର ।

# ଭାରତ ରତ୍ନ ଗୋବିନ୍ଦ ବଲ୍ଲଭ



ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ। ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର। ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ୍ୟ ଭାଗରେ ଗିରିଶୃଙ୍ଗ ହିମାଳୟ। ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ। କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ। ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବ୍ରତ ଦିନ (ପର ମୁହୂର୍ତ୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ) ଏହି ଖୁଣଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ। ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଇ । ସେମାନଙ୍କ ପୂର୍ବ ପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତ୍ତୀ କୋଙ୍କଣରୁ ତୀର୍ଥ ଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ। କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲ୍‌ମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜୀବନର ପ୍ରାୟ ସମୟ ଅଲ୍‌ମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା।

ଅଲ୍‌ମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ। ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ। ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ। ବିବାହର ଅଳ୍ପ ଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା। ସେ ଗମ୍ଭୀର ସ୍ୱାଭାବର ହୋଇଗଲେ। ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ। ଦଶମ ଶ୍ରେଣି ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ। ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ। ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ। ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣି ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ। ଏହ୍ଲାବାଦର 'ମ୍ୟର ସେନଟ୍ରାଲ କଲେଜ'ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢା ପଢି କଲେ। ଏହି ଛାତ୍ରବାସଟି ପରବର୍ତ୍ତ ସମୟରେ ମାଲବ୍ୟ

ଛାତ୍ରବାସରେ ପରିଣତ ହେଲା। ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି 'ଲୁମ୍‌ସଡେନ୍ ସ୍ୱର୍ଣ୍ଣ ପଦକ' ଲାଭ କଲେ।

ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲା ଦିନରୁ ଜଣା ପଡିଥିଲା। ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉ ମାନଙ୍କ ରଙ୍ଗ କଳା କାହିଁକି? ଆଈଙ୍କ ଉତର ଥିଲା 'ଈଶ୍ୱର ଏକ ପ୍ରକର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି'। ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର। ଆଈ କିଛି ଉତର ଦେଇ ପାରି ନଥିଲେ। ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ ଜଣା ପଡିଥିଲା । ସେ ନିଜ ଚେଷ୍ଟାରେ 'ବାଲ୍ କ୍ଲବ' ନାମରେ ଏକ ଅନୁଷ୍ଠାନ ଗଢିଥିଲେ। ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖା ଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା 'ସରସ୍ୱତୀ'ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା। ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ। ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ। ୧୯୦୫ ମସିହାରେ ବନାରସରେ ହେଉଥିବା କଂଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗ ଦେଲେ। ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ।

ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ। ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କ ବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ। ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା। ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ। ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ। କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭୀଣୋଇଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ। ହଠାତ୍ ଦିନେ ତାଙ୍କ ପିତା ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ। ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା। ପନ୍ଥଜୀ କାଶିପୁରଠାରୁ ନୈନତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ। ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ। ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ 'ପ୍ରେମ ସଭା' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ। ଏ ଅନୁଷ୍ଠାନ ଦିନେ କାଶିପୁର ଅଂଚଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା। ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ 'ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲା। ପନ୍ଥଜୀ କାଶିପୁର ବିଜ୍ଞାପିତ ଅଂଚଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧ୍ୟତାମୂଳକ କରାଇଥିଲେ।

ନୈନତାଲାରେ ପନ୍ଥଜୀ ପାର୍ବତୀୟ ଅଂଚଳର ବିକାଶ ଲାଗି 'କୁମାୟୁନ୍ ପରିଷଦ' ନାମରେ ଏକ ସଂଗଠନ କରିଥିଲେ। ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ। ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ। ୧୯୧୮ ମସିହା ଦିପାବଳୀ ଦିନ 'ଶକ୍ତି' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ। ଏହି ଶକ୍ତି ଏବେବି ଉଜ୍ଜଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି।

କଂଗ୍ରେସ ଭିତରେ 'ସ୍ୱରାଜ ପାର୍ଟି' ନାମରେ ଏକ ନୂଆ ଦଳ ଗଢିଲେ ଚିତରନ ଦାସ ଓ ମୋତିଲାଲ ନେହେରୁ। ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ। 'ସାଇମନ କମିଶନ'ଙ୍କୁ ବିରୋଧ କରି ପାବ କେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା। ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ। ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା। ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସୃଷ୍ଟି ହେଲା। ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନିତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ଭୋଗ କଲେ। ସେ ଭବାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ। ସେଠାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର(ରାଜା) ପନ୍ଥ। ତାପରେ ତାଙ୍କରେ ୨ ଟି କନ୍ୟା ହୋଇଥିଲା । ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ। ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଭାରତ ଅର୍ଥବ୍ୟବସ୍ଥା ଓ ସମାଜକୁ ପ୍ରଭାବିତ କରିବ ଯୁଦ୍ଧ



ଗୋପାଳ ମହାପାତ୍ର

ଗ୍ଲୋବାଲାଇଜେସନ କାରଣରୁ ଯୁଦ୍ଧ ଯେଉଁଠି ହେଉନା କାହିଁକି ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବ । ଏବେର ରୁଷ-ୟୁକ୍ରେନ ଯୁଦ୍ଧ କିନ୍ତୁ ଭିନ୍ନ । ଏ ଯୁଦ୍ଧ ଦୁଇ ମହାଶକ୍ତି ଭିତରେ ଲଢ଼େଇ କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ଗୋଟିଏ ପଟେ ରୁଷିଆ ଓ ଅନ୍ୟପକ୍ଷରେ ଆମେରିକା ଓ ନାଟୋ ଦେଶମାନଙ୍କର ୟୁକ୍ରେନକୁ ସମର୍ଥନ । ଏ ସବୁ ମଧ୍ୟରେ ଭାରତ ପେଶି ହୋଇଯିବା ଭଳି ଅବସ୍ଥାରେ ରହିଛି । ଏହି ଯୁଦ୍ଧ କାରଣରୁ ବୈଶ୍ୱିକ ବ୍ୟବସାୟ, ପୁଁ ପ୍ରବାହ, ଆର୍ଥିକ ବଜାର ଏବଂ ବୈଷୟିକ ଜ୍ଞାନକୌଶଳ ପ୍ରଭାବିତ ହେବ । ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିଛି ଓ ଆମେରିକା, ୟୁରୋପୀୟ ଦେଶମାନେ ରୁଷ ଉପରେ ପ୍ରତିବନ୍ଧକ ମଧ୍ୟ ଲଗାଇଛନ୍ତି, ଏପରିକି ରୁଷ ସହ ବ୍ୟବସାୟ ବାଣିଜ୍ୟକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ରୁଷ ଗ୍ୟାସ ଏବଂ ତୈଳ ଅଧିକ ଭାବେ ରପ୍ତାନୀ କରିଥାଏ । ଏହି ଗ୍ୟାସ ଓ ତୈଳ ଉତ୍ପାଦର ରପ୍ତାନୀ ମଧ୍ୟ ଯୁଦ୍ଧ କାରଣରୁ ପ୍ରଭାବିତ ହେବ ଓ ଏହାର ଦାମ୍ ମଧ୍ୟ ବଢ଼ିବ । ଯୁଦ୍ଧ ଆରମ୍ଭ ହେବାର ଦିନକ ପରେ ଭାରତରେ ଇନ୍ଧନ ଗ୍ୟାସର ମୂଲ୍ୟ ସିଲିଣ୍ଡର ପିଛା ୧୦୫ ଟଙ୍କା ବଢ଼ିଗଲାଣି । ଆଗକୁ କ'ଣ ହେବ ସେ କଥା କହିବା କଷ୍ଟ । ଅନ୍ୟପକ୍ଷରେ ଗହମ ଏବଂ ଖାଇବା ତେଲ ବିଶେଷକରି ସୂର୍ଯ୍ୟମୁଖୀ ତେଲର ରପ୍ତାନୀକାରୀ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ । ଭାରତ ୟୁକ୍ରେନରୁ ପ୍ରତିବର୍ଷ ୧.୫ ବିଲିୟନ ଡଲାରର ସୂର୍ଯ୍ୟମୁଖୀ ତେଲ ଆମଦାନୀ କରିଥାଏ । ଏବେ ୟୁକ୍ରେନର ଅବସ୍ଥା ଯାହା ସେଥିରୁ ସ୍ପଷ୍ଟ ଯେ ୟୁକ୍ରେନରୁ ଆଉ ଖାଇବା ତେଲ ଆମଦାନୀ ହୋଇପାରବ ନାହିଁ, ଯାହାର ପ୍ରଭାବ ଆମ ଦେଶର ଲୋକଙ୍କ ଉପରେ ପଡ଼ିବ । ଅର୍ଥାତ ଏହି ଯୁଦ୍ଧ କାରଣରୁ ବିଶ୍ୱସ୍ତରରେ ବ୍ୟବସାୟକୁ ପ୍ରଭାବିତ କରିବ ନିଶ୍ଚୟ ।

ସେହିଭଳି ଋଷ ଉପରେ ବିଭିନ୍ନ ଦେଶମାନେ ଯେଉଁଭଳି ପ୍ରତିବନ୍ଧ ଲଗାଇଛନ୍ତି ସେଥିପାଇଁ ରୁଷର ପୁଁ ପ୍ରବାହ ବାଧାପ୍ରାପ୍ତ ହେବ । ଏହା ଆର୍ଥିକ ବଜାରକୁ ମଧ୍ୟ ପ୍ରଭାବିତ କରିବ । ଯେତେବେଳେ ବଜାରରେ ଅନିଶ୍ଚିତତା ଦେଖାଯିବ ସେତେବେଳେ ବିକରାଳ ଅବସ୍ଥା ସୃଷ୍ଟି ହେବ । ବିଦେଶୀ ପୁଞ୍ଜି ନିବେଶକମାନେ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର ପାଇଁ ଉଦ୍ୟମ କରିବେ । ଏହା ଫଳରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ ଏବଂ ବିଦେଶୀ ସଂସ୍ଥାଗତ ନିବେଶର ପ୍ରବାହ କମିବ । ଯୁଦ୍ଧ ସମୟରେ ପ୍ରତ୍ୟେକ ଦେଶର ସରକାର ସେ ଦେଶର ପୁଞ୍ଜିପତିମାନଙ୍କୁ ନିଜନିଜ ଦେଶରେ ପୁଞ୍ଜି ନିବେଶ ପାଇଁ ପରାମର୍ଶ ଦେଇଥାନ୍ତି ଫଳରେ ଦେଶର ଅର୍ଥବ୍ୟବସ୍ଥା ମଜଭୁତ ହୋଇଥାଏ । ଏବେ ମଧ୍ୟ ସେ କଥା ହୋଇପାରେ । ଯେହେତୁ ଯୁଦ୍ଧରେ ଆଧୁନିକ ଟେକନିକର ଆବଶ୍ୟକତା ଅଧିକ ରହିଛି ତେଣୁ ଏହାର ଉପଲବ୍ଧତା ମଧ୍ୟ ଅନ୍ୟ କ୍ଷେତ୍ର ପାଇଁ କମିଯିବ । ଗୋଟିଏ କଥା ସତ୍ୟ ଯେ ଯୁଦ୍ଧ ପାଇଁ ସାଜ ସରାମ ଉତ୍ପାଦନ କରୁଥିବା ସଂସ୍ଥାମାନେ ଲାଭବାନ ହେବେ । କାରଣ ଏ ସବୁ ଜିନିଷର ଉତ୍ପାଦନ ଓ ବିକ୍ରୀ ବଢ଼ିବ । କିନ୍ତୁ ଏ ସବୁ କଥା ନିର୍ଭର କରେ ଯୁଦ୍ଧର ସମୟକୁ ନେଇ । ଯୁଦ୍ଧ ଯେତେ ଅଧିକ ଦିନ ଚାଲିବ ତାହା ଉପରେ ଅନେକ କଥା ନିର୍ଭର କରେ । କିନ୍ତୁ ଅନୁମାନ କରାଯାଉଛି ଯୁଦ୍ଧ ଅଧିକ ଦିନ ଚାଲିବ ନାହିଁ । ରୁଷ ଆଫଗାନିସ୍ଥାନର ୧୯୭୯-୮୦ର ଯୁଦ୍ଧ ଭଳି ଭୁଲ୍ କେହି କରିବେ ନାହିଁ ବୋଲି ଆଶା କରାଯାଉଛି । ରୁଷ ଆକ୍ରମଣ ଜାରି ରଖି ମଧ୍ୟ ଆଲୋଚନା ପାଇଁ ପ୍ରତିନିଧି ମଣ୍ଡଳ ପଠାଇଛି । ଏ ସବୁ ପରେ ଗୋଟିଏ କଥା ସ୍ପଷ୍ଟ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ହେଲେ ମଧ୍ୟ ଶୀତଳ ଯୁଦ୍ଧ କମିବ ନାହିଁ ବରଂ ବଢ଼ିବ । ୧୯୫୦ ବେଳେ ଯେଉଭଳି ଶୀତଳ ଯୁଦ୍ଧ ଚାଲିଥିଲା ଏବେ ସେମିତି କିନ୍ତୁ ହେବନାହିଁ । ସେତେବେଳେ ସୋଭିଏତ ସଂଘ ଏବଂ ପଶ୍ଚିମୀ ଦେଶମାନଙ୍କ ମଧ୍ୟରେ ବୈଚାରିକ ଲଢ଼େଇ ଥିଲା । ସେତେବେଳେ ରୁଷିଆ ବାମପନ୍ଥୀ ଦେଶ ଥିଲା ଓ ଆଉ ସବୁ ପୁଁଜିବାଦୀ ଦେଶ ଥିଲେ । ଏବେ ଋଷ ଏବଂ ଚୀନ ଭଳି ଦେଶମାନେ ପୁଁଜିବାଦୀ ବ୍ୟବସ୍ଥାକୁ ଆପଣେଇ ସାରିଛନ୍ତି । ଏଣୁ ଏହି ଶୀତଳ ଯୁଦ୍ଧ ବିଚାରକୁ ନେଇ ନୁହେଁ ବର୍ଚ୍ଚସ୍ୱକୁ ନେଇ ଚାଲିବ । ବିଶ୍ୱ ସମୁଦାୟ ମଧ୍ୟ ଦୁଇଭାଗରେ ବାଣ୍ଟି ହୋଇଯିବ ଓ ପରସ୍ପର ମଧ୍ୟରେ ବ୍ୟବସାୟର ପରମ୍ପରା ମଧ୍ୟ ଆରମ୍ଭ ହୋଇଯିବ ।

ବାଣ୍ଟି ହୋଇଥିବା ଦେଶମାନଙ୍କ ମଧ୍ୟରେ ଯିଏ ଯେଉଁ ଗୋଷ୍ଠୀରେ ଥିବ ସେ ସବୁ ଦେଶମାନେ ପରସ୍ପର ମଧ୍ୟରେ ପୁଞ୍ଜି ପ୍ରବାହକୁ ଅଗ୍ରାଧିକାର ଦେବେ ଯେଉଁଥିପାଇଁ ବୈଶ୍ୱିକ ଆପୂର୍ତ୍ତି ବାଧାପ୍ରାପ୍ତ ହେବ ଓ ଦରଦାମ୍ ବୃଦ୍ଧି ପାଇବ । ଏହାର ଅର୍ତ୍ତ ହେଉଛି ଯୁଦ୍ଧ କାରଣରୁ ସାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯିବ ଓ ଜିନିଷ ପତ୍ରର ଦର ବଢ଼ିବ । ରୁଷର କମ୍ପାନୀମାନଙ୍କ ଉପରେ ଆମେରିକା ସମେତ ଅନ୍ୟ ଦେଶମାନେ ପ୍ରତିବନ୍ଧ ଲଗାଇଥିବା କାରଣରୁ ବିଶ୍ୱସ୍ତରରେ ବ୍ୟବସାୟ ମଧ୍ୟ ପ୍ରଭାବିତ ହେବ । ପଶ୍ଚିମୀ ଦେଶମାନେ ସେମାନଙ୍କ ଦେଶରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ବଢ଼ିବ ଓ ଏହି କାରଣରୁ ଅନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଇବ । ଦରଦାମ୍ ବଢ଼ିଲେ ଆବଶ୍ୟକତା କମିଥାଏ, ଯାହାର ପ୍ରଭାବ ବିକାଶ ହାର ଓ ପୁଞ୍ଜି ନିବେଶ ଉପରେ ପଡ଼ିବ । ଏବେ ପୁଁ ବଜାରରେ ପୁଞ୍ଜି ଅଧିକ ପରିମାଣରେ ନାହିଁ ଏଣୁ ଦରଦାମ୍ ବୃଦ୍ଧିର ପ୍ରଭାବ ଅଧିକ ଦେଖାଯିବ । ସବୁଠାରୁ ବଡ଼ କଥା ହେଉଛି ଆମଦାନୀ ବଢ଼ିବା ଏବଂ ରପ୍ତାନୀ କମିବା କାରଣରୁ ଆମର ପୈଠ ବା ଆର୍ଥିକ ଦେଣ ସନ୍ତୁଳନ ବିଗିଡ଼ି ଯାଇପାରେ । ଅନିଶ୍ଚିତତା ସମୟରେ ସୁନାର ଆବଶ୍ୟକତା ମଧ୍ୟ ବଢ଼ିଥାଏ ଯେଉଁଥିପାଇଁ ଏହାର ଆମଦାନୀ ମଧ୍ୟ ବଢ଼ିପାରେ । ଏହା ମଧ୍ୟ ଆର୍ଥିକ ସନ୍ତୁଳନକୁ ପ୍ରଭାବିତ କରିପାରେ । ଏ ସବୁ ପାଇଁ ଟଙ୍କାର ବିନିମୟ ମୂଲ୍ୟ କମିଯିବ ଏବଂ ସ୍ଥାନୀୟ ବଜାରରେ ଏହାର ମୂଲ୍ୟ ବଢ଼ିବାର ସମ୍ଭାବନା ରହିଛି । ଅର୍ଥାତ ଅନେକ ଦିଗରୁ ଆମପାଇଁ ଦରଦାମ୍ ବୃଦ୍ଧି ଭଳି ଅବସ୍ଥା ଆସିବ ।

ରୁଷ-ୟୁକ୍ରେନ ଯୁଦ୍ଧ ବିଶ୍ୱର ଅର୍ଥବ୍ୟବସ୍ଥାକୁ ଅନେକ ଭାବରେ ପ୍ରଭାବିତ କରିପାରେ, ବିଶ୍ୱର ପ୍ରାୟତଃ ସବୁ ଦେଶର ବଜେଟ ବିଗିଡ଼ି ଯାଇପାରେ । ସବୁ ଦେଶ ପ୍ରତିରକ୍ଷା ପାଇଁ ଅଧିକ ଅର୍ଥ ବ୍ୟୟ କରିବେ ଯେମିତି ଯୁଦ୍ଧର ୪ ଦିନ ପରେ ଜର୍ମାନୀ ସରକାର ତାଙ୍କ ପ୍ରତିରକ୍ଷା ବଜେଟକୁ ବୃଦ୍ଧି କରିଛନ୍ତି । ଏହାଫଳରେ ବାସ୍ତବିକ ବିକାଶ ତୁଳନାତ୍ମକ ଭାବରେ କମ୍ ହେବ । ଦରଦାମ୍ ବୃଦ୍ଧି ହେଲେ ଟିକସ ଆଦାୟ ବଢ଼ିବ କିନ୍ତୁ ଏହାକୁ ବାସ୍ତବିକ ଅର୍ଥରେ ଠିକ୍ ବୋଲି କୁହାଯିବ ନାହିଁ । ଗରୀବ ଲୋକେ ଏଥିପାଇଁ ପ୍ରଭାବିତ ହେବେ । ଭାରତରେ ଏବେ ଭାରତୀୟ ଛାତ୍ରମାନଙ୍କର ବିଦେଶ ଯିବା ପ୍ରସଙ୍ଗକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି । ଦେଶରେ ଆବଶ୍ୟକୀୟ ଶିକ୍ଷଣିକ ଢାଞ୍ଚାର ଅଭାବ କାରଣରୁ ଆମ ଦେଶର ଛାତ୍ରମାନେ ପଢ଼ିବା ପାଇଁ ବିଦେଶକୁ ଯାଉଛନ୍ତି । ଆମ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସିଟର ଅଭାବ ରହିଛି ଏବଂ ଘରୋଇ କଲେଜମାନେ ମନଇଚ୍ଛା ଫିସ୍ ନେଉଛନ୍ତି । ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ୟୁକ୍ରେନରେ ୧ ଲକ୍ଷ ୭୦ ହଜାର ବିଦ୍ୟାର୍ଥୀଙ୍କ ପାଇଁ ଗୋଟିଏ ମେଡିକାଲ୍ କଲେଜ ଥିବାବେଳେ ଆମ ଦେଶରେ ୨୭ ଲକ୍ଷ ବିଦ୍ୟାର୍ଥୀଙ୍କ ପାଇଁ ଗୋଟିଏ ମେଡିକାଲ କଲେଜ । ଯେଉଁ ଛାତ୍ରଛାତ୍ରୀମାନେ ବିଦେଶକୁ ପଢ଼ିବା ପାଇଁ ଯାଉଛନ୍ତି ସେମାନେ ପାଠପଢ଼ି ଯଦି ଭାରତକୁ ଫେରିଆସନ୍ତେ ତେବେ ଦେଶ ପାଇଁ ଫାଇଦା ହୁଅନ୍ତା । କିନ୍ତୁ ବିଦେଶରେ ପାଠ ପଢ଼ି ଅନେକ ପିଲା ବିଦେଶରେ ରହିଯାଉଛନ୍ତି । ଏଣୁ ଭାରତରେ ଶିକ୍ଷାର ଢାଞ୍ଚାଗତ ବ୍ୟବସ୍ଥା ସୁଧୁରିବା ଆବଶ୍ୟକ । ଦକ୍ଷିଣ ପୂର୍ବ ଏସିଆର ଦେଶମାନେ ଶିକ୍ଷାର ଢାଞ୍ଚାଗତ ବ୍ୟବସ୍ଥାକୁ ସୁଧାରି ସାରିଲେଣି । ସବୁ ଦୃଷ୍ଟିରୁ ଦେଖିଲେ ଏହି ଯୁଦ୍ଧ ଭାରତୀୟ ସମାଜ ଏବଂ ଅର୍ଥବ୍ୟବସ୍ଥାକୁ ଅନେକ ଭାବରେ ପ୍ରଭାବିତ କରିବ ଓ ସବୁ ସ୍ତରରେ ଲୋକଙ୍କୁ ବାଧିବ ।


♥ ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪







## ମନ

ରତ୍ନକାନ୍ତି ମିଶ୍ର

କୁପଥରେ ଯେବେ ମନ ଭ୍ରମୁଥାଇ
ବଞ୍ଚିବା ନରକ ହୁଏ
ସତ୍ୟ ପଥେ ସଦା ମନ ରଖିଥିଲେ
ଜୀବନ ସୁଗମ ହୁଏ ।

ମନ ସାଥେ ଯେବେ ମନର ମିଳନ
ହୁଏ ଏଇ ସଂସାରରେ
ତା ସାଥେ ଜୀବନ କଟିଯାଏ ଭଲେ
ନିୟତିର ନିର୍ଦ୍ଦେଶରେ ।

ମନ ସିନା ଚାହେଁ ଘୋଡା ଚଢିବାକୁ
ଭାଗ୍ୟ କେବେ ହୁଏ ବାମ
ଗଢିଥିବା କେତେ ସ୍ୱପ୍ନର ମୀନାର
ଭାଙ୍ଗି ହୁଏ ହୃଦ ଶୂନ୍ୟ ।

ମନର ବ୍ୟଥାକୁ ପ୍ରକାଶ କରିଲେ
ପ୍ରିୟ ପରିଜନ ଆଗେ
ଦୁଃଖ ଦାବାନାଳ ନିର୍ବାପିତ ହୁଏ
ସାନ୍ତ୍ୱନା ଓ ଅନୁରାଗେ ।

ମନ ଚାହୁଁ ସଦା ପୂଣ୍ୟ ପସରାରେ
ବାଢିବ ଭକ୍ତି ଅଞ୍ଜଳି
ଭିଜିବାକୁ ଦିବ୍ୟ ପ୍ରୀତିରେ ତାଙ୍କର
ଦେଇ ସବୁ ଜଳାଞ୍ଜଳି ।

ମନ ଚଇତନ ସତ୍ୟ ସନାତନ
ଭାବରେ ତଲ୍ଲୀନ ନିତ୍ୟ
ବିଭୁ ପଦେ ମନ ନିବେଶ କରିଲେ
କୃପାବାରି ହୁଏ ପ୍ରାପ୍ତ ।


♥ ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧


## ତୁମେ ଆସିଛ ବୋଲି

ଆଦ୍ୟାଶା ମହାପାତ୍ର



ତୁମେ ଆସିଛ ବୋଲି
ଫୁଟପାଥର ଫୁଙ୍ଗୁଳା ମନଟା
ନୂଆ କରି ଜିଇବାରେ ଆସ୍ପର୍ଦ୍ଧା ରଖୁଛି
ଆଲ୍ଡାମାଲ୍ଡା ଜୀବନରୁ
ମୁକୁଳିବାର ସ୍ୱପ୍ନରେ ବିଭୋର
ମଲ୍ଲୀ ମାଳତୀ ଜୁଇ ପଳାଶ ମନ୍ଦାର

ବୃକ୍ଷରାଜିରୁ ଝଡି ପଡିଛନ୍ତି
ଯେତେ ସବୁ ପୀତବର୍ଣ୍ଣ ପତ୍ର
ନୂଆ କିଶଳୟ ମୁରୁକି ହସିଲେଣି
ଚୁନା ଚୁନା ଖୁସିର ପ୍ରତିବେଦନରେ
ବଉଳ ପେଣ୍ଡୁରେ ସଞ୍ଚରି ଗଲାଣି ମୁଗ୍ଧ
ମହକ
ଖାସ୍ ତୁମ ଆଗମନୀ ବାର୍ତ୍ତା ଶ୍ରବଣରେ

ତୁମେ ଆସିଛ ବୋଲି ତ ଫଗୁଣ ଆସିଛି
ଫୁଲେଇ କୃଷ୍ଣଚୂଡ଼ା ଲାଜୁଆ ହସୁଛି
ଅସୁମାରୀ ସ୍ୱପ୍ନ ନେଇ
ପ୍ରଜାପତି ତିଆରିଛି ନୂଆ ଚିତ୍ରିତ ଡେଣା
ଭଅଁରର ଗୁଞ୍ଜନରେ

କୋଇଲିର କୁହୁ ତାନରେ
ସ୍ୱାଗତ ସଙ୍ଗୀତର ମୂର୍ଚ୍ଛନା
ଉଚ୍ଛୁଳ ତୁମ ପ୍ରତୀକ୍ଷାରେ ଶତତ ଉନ୍ମନା

ଏଇ ତ ଶୁଭିଲାଣି
ମୃଦୁ ମଳୟର ମନଛୁଆଁ ଗୀତ
ଲହଡି ଭାଙ୍ଗୁଛି ପ୍ରୀତି ପ୍ରଣୟର-
କଳ କଳ ଫଲଗୁଧାର
ନବ୍ୟ ଉଚ୍ଛ୍ୱାସର ଭବ୍ୟ ପୁଲକରେ
ଦେହ ମନ ବିମୁଗ୍ଧ ବିଭୋର
ହସୁଛି ସବୁଜଶ୍ରୀ ଜଗତ
ଜୀବନ୍ୟାସ ପାଇଛନ୍ତି
ନଦୀ ନାଳ ଝରଣା ପର୍ବତ
ବସନ୍ତ ! ତୁମେ ଆସିଛ ବୋଲି ତ..!!


♥ ନୂଆପଡା, କଟକ


## କର୍ମବୀର ଗୌରୀଶଙ୍କର

ପ୍ରଦୀପ୍ତ କୁମାର ଦାସ



ଉତ୍କଳ ମାତାର ସୁଯୋଗ୍ୟ କୁମର/କର୍ମବୀର ଗୌରୀଶଙ୍କର
ତ୍ୟାଗ ତିତିକ୍ଷାର ଥିଲେ ଗନ୍ତାଘର/ଅଶେଷ ମହିମା ତାଙ୍କର,
ଓଡ଼ିଆ ଜାତୀୟ ଜାଗରଣର ସେ/ଥିଲେତ ପରମ ପୁରୋଧା
ହେଉଥିଲେ ସଦା କର୍ମେ ଅଗ୍ରସର/ହୃଦୟରେ ଥାପି ଶରଧା,
ସ୍ୱତନ୍ତ୍ର ଉତ୍କଳ ଗଠନରେ ଥିଲା/ତାଙ୍କର ଭୂମିକା ଅଶେଷ
ଆତ୍ମବିଶ୍ୱାସ ଯେ ଭରି ଦେଇଥିଲା/ମନରେ ଅସୀମ ସାହସ,
ତ୍ୟାଗୀ ଦେଶଭକ୍ତ,ବିଶିଷ୍ଟ ସେବକ/ଭାବେ ଥିଲେ ପରିଚିତ
ସାଜି ସାହିତ୍ୟିକ ଆମ ସମାଜର/ସାଧିଥିଲେ ସେତ ହିତ,
କଟକ ଜିଲ୍ଲାର ଦୀକ୍ଷିତପଡ଼ାରେ /ଜନମ ଗ୍ରହଣ କରି
ଓଡ଼ିଆଙ୍କ ଠାରେ ଜୀଇଁବାର ଆଶା/ଦେଇଥିଲେ ସେତ ଭରି,
ଥିଲେ ସେ ଲେଖକ,ଥିଲେ ପ୍ରକାଶକ/ଥିଲେ ପୁଣି ସମ୍ପାଦକ
'ଉତ୍କଳ ଦୀପିକା' କରି ସମ୍ପାଦନା/ରଖିଥିଲେ ଜାତି ଟେକ,
ସମାଜରେ ଥିବା ଘୃଣ୍ୟ ପ୍ରଥା ସାଥେ/ସର୍କାରଙ୍କ ଦୋଷ ତ୍ରୁଟି
ନିର୍ଭୀକ ଭାବରେ ପ୍ରିୟ ପାଠକଙ୍କୁ/ଦେଉଥିଲେ ସଦା ଭେଟି,
ଉତ୍କଳ ସାହିତ୍ୟ ସମାଜର ସେତ/ଥିଲେ ଆଦ୍ୟ ସଭାପତି
ଉତ୍କଳ ସଭାର ସମ୍ପାଦକ ସାଜି/ଅରଜି ଥିଲେତ ଖ୍ୟାତି,
ଓଡ଼ିଆଙ୍କ ସ୍ୱାର୍ଥରକ୍ଷାର ନିମନ୍ତେ/କରୁଥିଲେ ସଦା ଦାବି
କାହାରି ଧମକେ, କାହାରି ଚମକେ/ଯାଉ ନଥିଲେତ ଦବି,
'କଟକ ଟାଉନହଲ'ର ସେତ/ଥିଲେ ଯୋଗ୍ୟ ପ୍ରତିଷ୍ଠାତା
ଏହି ପ୍ରତିଷ୍ଠାନେ ଏବେବି ମହକେ/ତାଙ୍କ ଶ୍ରଦ୍ଧା, ଆତ୍ମୀୟତା,
କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ/ସଯତନେ କରିଥିଲେ
କଣ୍ଠାବଣିଆର ବିଚିତ୍ରାନନ୍ଦ ଯେ/ତାଙ୍କ ସହଯୋଗୀ ଥିଲେ,
ପ୍ରାଚୀନ ସାହିତ୍ୟ ପାଣ୍ଡୁଲିପି ଆଣି/ଛାପିଥିଲେ ବହୁ ଗ୍ରନ୍ଥ
ନିଜ ସ୍ୱାର୍ଥ ଭୁଲି ସାହିତ୍ୟ ସଂସ୍କୃତି/କ୍ଷେତ୍ରେ ସାଜିଥିଲେ ସନ୍ଥ,
ଶ୍ରାଦ୍ଧ ଦିବସରେ ତାଙ୍କ ଉଦ୍ଦେଶ୍ୟରେ/କରେ ଶତ ପ୍ରଣିପାତ
ପ୍ରତି ଓଡ଼ିଆଙ୍କ ଚିନ୍ତା ଚେତନାରେ/ହେଉଥାନ୍ତୁ ଆତଯାତ ।


♥ କଣ୍ଠାବଣିଆ, ଯାଜପୁର, ମୋ-୮୫୯୪୮୮୫୮୯୮




## ପ୍ରେମର ଠିକଣା

ରୋହିତ ସେଠୀ

ନିଝୁମ୍ ରାତିର ବହଳ ନିଦରେ
ସପନରେ ତୁମେ ଆସି,
ପ୍ରେମର ସଂକେତ ଦେଇ ଚାଲିଯାଅ
ସ୍ମିତହାସ୍ୟଟିଏ ହସି ।

ରାତି ପାହିଗଲେ ନିଦ ଭାଙ୍ଗିଯାଏ
ଅଧୁରା ରହେ ସପନ,
ଝାପ୍ସା ଝାପ୍ସା ଚେହେରା ତୁମର
ଖୋଜେ ଖାଲି ଏଇ ମନ ।

ଆସୁଥାଅ ସଦା ଏମିତି ସପନେ
ଚଗଲୀ ପ୍ରେମିକା ସାଜି,
ଶୁନ୍ ଶାନ୍ ଏଇ ନିର୍ଜନ ରାତିରେ
ପ୍ରେମର ଠିକଣା ଖୋଜି ।


♥ ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

# ନାରୀ ଯାହା କରିପାରେ



ନାରୀ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି । ସମୟ ଥିଲା, ନାରୀକୁ ଅବଳା ଦୁର୍ବଳା ବୋଲି ଆକ୍ଷେପ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେ ସମୟ ବଦଳିଛି । ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ଆଉ ସମାଜରେ ପଛୁଆ ହୋଇ ରହିନାହିଁ । ଭଗବାନ୍ ଯେ କେବଳ ନାରୀକୁ ଗଢ଼ିଲାବେଳେ ସୁନ୍ଦର ଓ ମନୋରମ ରୂପ ଦେଇଛନ୍ତି ତା ନୁହେଁ, ତତସହିତ ଅଦ୍ୟମ ଶକ୍ତି, ସାହସ, ଧୈର୍ଯ୍ୟ, ସହନଶୀଳତା ଆଦି ଗୁଣରେ ବିମଣ୍ଡିତ କରିଛନ୍ତି । ଥିପାଇଁ କୁହାଯାଇଛି- 'ଜନନୀ ଜନ୍ମଭୂମିଷ୍ଚ ସ୍ୱର୍ଗାଦପୀ ଗରିୟସୀ' ଅର୍ଥାତ୍ ସ୍ୱର୍ଗଠାରୁ ଛୁଆର ଲାଳନପାଳନ, ଶରୀରର ରୋଗ ବୈରାଗ, ପାଠଶାଠ, ବ୍ୟବହାର ଜ୍ଞାନ ସବୁ ତା' ଉପରେ ନିର୍ଭର କରେ ।

ନାରୀ ଘରର ମେରୁଦଣ୍ଡ ସଦୃଶ । ଆଜିକାଲି ଘର ସମ୍ଭାଳିବା ସହ ବାହାରେ ଚାକିରି କାର୍ଯ୍ୟ ମଧ ବେଶ ନିଖୁଣ ଭାବରେ ସେ ତୁଲାଇ ପାରୁଅଛି । ପ୍ରଯୁକ୍ତି ବିଜ୍ଞାନ, ଡାକ୍ତରୀ ବିଦ୍ୟା, ଅର୍ଥନୈତିକ, ରାଜନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାଜାହାଜ ଉଡ଼େଇବାଠାରୁ ଏଭରେଷ୍ଟ ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛି ଆଜିର ନାରୀ । ଏଠାରେ କହିବା ସମୀଚୀନ ଯେ, ନାରୀ ଯେତେ ଉଚ୍ଚଶିକ୍ଷିତା, ଯୋଗ୍ୟସମ୍ପନ୍ନା ହେଲେ ମଧ ସେ ସଂଯମତା ସବୁକ୍ଷେତ୍ରରେ ରକ୍ଷା କରିବା ଉଚିତ । ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକା ବେଶ ପରିସ୍ଫୁଟ ହୁଏ ।

**ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକାରୁ ଏହା ବେଶ୍ ପରିସ୍ଫୁଟ ହୁଏ....**

ଇତିହାସ କହେ, ଝାନସୀର ରାଣୀ ଲକ୍ଷ୍ମୀବାଈଙ୍କ କଥା । ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସେ ଯୁଦ୍ଧ କରିବାକୁ ପଛାଇ ନ ଥିଲେ । ନୋବେଲ ବିଜେତା ମଦର ଟେରେସା ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଭାରତର ବୁଲବୁଲ ସରୋଜିନୀ ନାଇଡୁ ମଧ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ ବେଶ ଖ୍ୟାତି ଅର୍ଜନ କରିଛନ୍ତି । କ୍ରୀଡ଼ାକ୍ଷେତ୍ରରେ ମଲ୍ଲଯୋଦ୍ଧାରେ ନଭଜୋତ କୌର, ବ୍ୟାଡମିଣ୍ଟନରେ ସୁନାମଧନ୍ୟା ସାଇନା ନେହ୍ୱାଲ, ଦୌଡ଼ରାଣୀ ପି.ଟି. ଉଷାଙ୍କ ସମେତ ଆମ ଓଡ଼ିଶାର ଦୂତୀ ଚାନ୍ଦ ଆମ ଦେଶର ମାନ ରଖିଜଣେ ଜଣେ ଉଦହରଣ ହୋଇଛନ୍ତି । ଆମ ଦେଶର ନାରୀମାନେ କଳାକ୍ଷେତ୍ରରେ ମଧ କିଛି କମ ନୁହନ୍ତି । ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ସହ ସଙ୍ଗୀତରେ ମଧ ବେଶ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି । ଭାରତର କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କୁ ସାରା ବିଶ୍ୱରେ ନ ଚିହ୍ନେ ବା କିଏ ? ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । କଳ୍ପନା ବଚାୱାଲା ଆକାଶ ପରିକ୍ରମା କରି ସାହସୀ ମହିଳାମାନଙ୍କ ମଧରେ ସ୍ଥାନ ପାଇଥିଲେ । ଆଇଏଏସ ହୋଇ ଦେଶକୁ ସବୁକ୍ଷେତ୍ରରେ କିପରି ଅଗ୍ରଗତି କରିହେବ ସେଥିରୁ ମଧ ଏମାନେ ବାଦ ପଡୁନାହାନ୍ତି । ଉପରୋକ୍ତ ସମସ୍ତ ବିବରଣୀରୁ ଏହା ସ୍ୱଷ୍ଟ ହୁଏ ଯେ, ଆଜି ନାରୀ କୌଣସି କ୍ଷେତ୍ରରେ ପୁରୁଷଠାରୁ ପଛୁଆ ହୋଇ ରହିନାହିଁ । ନାରୀ ହେଲା ସୃଷ୍ଟିକାରିଣୀ । ସୃଷ୍ଟିରେ ସ୍ରଷ୍ଟାଙ୍କ ସ୍ଥାନ ଯଦି ଯଥୋଚିତ ଥାଏ, ତାହେଲେ ସଂସାର ରଥ ବହୁ ଭଲରେ ଗତି କରିବ ଏବଂ ସ୍ୱୟଂ ଭଗବାନ୍ ସେ ଗୃହରେ ବାସ କରିବେ । ନାରୀ ଆଉ ଅବହେଳିତ, ନିଷ୍ପେଷିତ ହୋଇ ରହିବ ନାହିଁ ।





## ବାସ୍ତୁଶାସ୍ତ୍ରର ନିୟମ



ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।

ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

ଫ୍ଲାଟ କିମ୍ବା ଘର କିଣୁଥିଲା ବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।

ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

## ନୂଆ ଉଡ଼ନ୍ତା ଯାନ; ହୋଭରବୋର୍ଡ୍

କାଲିଫର୍ଣ୍ଣିଆର 'ହେଣ୍ଡୋ' କମ୍ପାନି ଉଡ଼ନ୍ତା ପଟା ବା ହୋଭର୍‌ବୋର୍ଡର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଛି । ଏହା ଭୂଇଁଠାରୁ ସାମାନ୍ୟ ଉଚ୍ଚରେ ଉଡ଼ିବାକୁ ସକ୍ଷମ । ଏହା ବ୍ୟାଟେରି-ଚଳିତ । ବ୍ୟାଟେରିର କ୍ଷମତା ମାତ୍ର ପନ୍ଦର ମିନିଟ୍ । ତେବେ, ଯେଉଁ କାରିଗରୀ କୌଶଳ ମାଧ୍ୟମରେ ଏହାକୁ ତିଆରିକରାଯାଇଛି, ଭବିଷ୍ୟତରେ ଏହାର ଶକ୍ତିଶାଳୀ ରୂପାନ୍ତରଣ ସଂଭବ । ଏହାର ସୁଫଳ ସ୍ୱରୂପ ମଣିଷ ଉଡ଼ିଉଡ଼ି ବାହାରେ ବୁଲିପାରିବ । ଏହାର ମୂଲ୍ୟ ପନ୍ଦର ହଜାର ଡଲାର ।



## କାନ୍ଧ ଯନ୍ତ୍ରଣାରୁ ମୁକ୍ତି

**ଟିଭି କିମ୍ବା ମୋବାଇଲ ଫୋନ ଦେଖିବା ବେଳେ ଦୀର୍ଘସମୟ ଧରି ଅବିଚଳିତ ଭାବେ ମୁଣ୍ଡ ନୁଆଁଇ ବସିବା ଆଜିକାଲି ପ୍ରାୟ ସମସ୍ତଙ୍କର ଅଭ୍ୟାସ ହୋଇଯାଇଛି । ଏହା ଫଳରେ କାନ୍ଧର ଗଠନ ଶୈଳୀ ପ୍ରଭାବିତ ହୋଇଥାଏ । ପିଠିପଟକୁ ବେକମୂଳରେ କୁଜ ପରି ଏକ ଆକୃତି ମଧ ଗଠିତ ହୁଏ । ଏହା ବେଳେବେଳେ କାନ୍ଧ ପାଖରେ ଖୁବ୍ ଯନ୍ତ୍ରଣା କରେ । ଏକ ସରଳ ବ୍ୟାୟାମ ଦ୍ୱାରା ଏହି ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ । ଏଥିରେ ବ୍ୟବହାର କରୁଥିବା ଦଉଡ଼ି ଏବଂ ଝରକାରେଲିଂ ସୁଦୃଢ଼ ହୋଇଥିବା ଜରୁରୀ ।**



ପ୍ରକ୍ରିୟା:- ସମାନ ଲମ୍ବାର ଦୁଇଟି ଶକ୍ତି ଦଉଡ଼ି ନେଇ ଏହାକୁ ଚିତ୍ରରେ ଦେଖାଯାଇଥିବା ଭଳି ଝରକା ରେଲିଂ କିମ୍ବା କାନ୍ଥରେ ସେପରି ସ୍ଥାନରେ ୬ଫୁଟ ଉଚ୍ଚତାରେ ବାନ୍ଧି ଦିଅନ୍ତୁ । ଦୁଇଟିଯାକ ଦୁଡ଼ି ଯେପରି ସମାନ ଲମ୍ବାରେ ରହୁଥିବ ଏବଂ ତା ମଧରେ ୧ଫୁଟ ବ୍ୟବଧାନ ଥିବ ।

କାନ୍ଥକୁ ପଛ କରି ଦୁଇ ଦଉଡ଼ି ମଝିରେ ଛିଡ଼ା ହୁଅନ୍ତୁ । ଏବେ ଦୁଇ ଦଉଡ଼ି ଭିତରେ ଦୁଇଟି ହାତ ସ୍କୁଲ ବ୍ୟାଗ ଗଳାଇବା ପରି ଭର୍ତ୍ତି କରନ୍ତୁ । ତେବେ ବାମପଟର ଦଉଡ଼ି ଡାହାଣ ହାତରେ ଏବଂ ଡାହାଣ ପଟର ଦଉଡ଼ି ବାମହାତରେ ଗଳାଇବେ ।

ଦୁଇବାହୂକୁ ପକ୍ଷୀ ଡେଣା ମେଲାଇବା ପରି ବିସ୍ତାର କରନ୍ତୁ ।

ଏଥି ସହିତ ପାଦ ଓ ଗୋଇଠିକୁ କାନ୍ଥରେ ଭରାଦେଇ ଗୋଡ଼କୁ ସଳଖ ଓ ଶକ୍ତକରି ରଖିବେ ଆଣ୍ଠୁ ଓ ନିତମ୍ବକୁ ଶକ୍ତ କରିବା ସହ ଶରୀରକୁ ପଛକୁ ନୁଆଁଇବେ ।

## ଜୀବନଶୈଳୀ ଓ ଭୋଜନର ସଂଯୋଗ



ନ୍ୟୁଜିଲାଣ୍ଡର ବିଶେଷଜ୍ଞ ଦଳ ୧୫ହଜାର ଲୋକଙ୍କ ଉପରେ ୯ମାସ ଗବେଷଣା କରିବା ପରେ ବିଭିନ୍ନ ତଥ୍ୟ ପ୍ରକାଶ କରିଛନ୍ତି । ଉତ୍ତମ ଜୀବଶୈଳୀ ସହ ଭୋଜନର ଏକ ଅତୁଟ ବନ୍ଧନ ରହିଛି । ନିଜକୁ ସୁସ୍ଥ ରଖିବା ନିମନ୍ତେ ଯଥା ସମୟରେ ଖାଇବା ନିତାନ୍ତ ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ସକାଳୁ ଉଠି ନିଜ ନିତ୍ୟକର୍ମ ଶେଷର ୩୦-୪୫ ମିନିଟ ମଧରେ ଜଳଖିଆ ଖାଇବା ଉଚିତ । ୬-୮ ଘଣ୍ଟାର ଗଭୀର ନିଦ ପରେ ରକ୍ତରେ ଶର୍କରାର ସ୍ତରକୁ ଠିକ୍ ରଖିବା ନିମନ୍ତେ ଅଳ୍ପ କିଛି ଭୋଜନ କରିବା ଆବଶ୍ୟକ । ନିୟମିତ ନିର୍ଦ୍ଧିଷ୍ଟ ସମୟରେ ଜଳଖିଆ ଖାଇବାର ଅଭ୍ୟାସ ରଖନ୍ତୁ । ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଜଳଖିଆର ଶକ୍ତି ପ୍ରଦାନ କରିଥାଏ । ଜଳଖିଆର ୪ଘଣ୍ଟା ପରେ ଦ୍ୱିପହର ଭୋଜନ କରିବା ଉଚିତ । ସକାଳ ୮ଟା କିମ୍ବା ୮.୩୦ ସୁଦ୍ଧା ଜଳଖିଆ ଖାଉଥିଲେ ଦିନ ଗୋଟାଏ ପରେ ଭୋଜନ କରିବା ଭଲ । ଦ୍ୱିପ୍ରହର ଭୋଜନରେ ଆବଶ୍ୟକ ପରିମାଣରେ ପ୍ରୋଟିନ୍, ଫାଇବର ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକରୀ । ସନ୍ଧ୍ୟାବେଳେ ଡ୍ରାଏଫ୍ରୁଟସ କିମ୍ବା ଅନ୍ୟ କୌଣସି ଫଳ ବା ଫଳରସ ସେବନ କରିବା ଭଲ । ଏହା ପରେ ରାତ୍ରିଭୋଜନ ଶୋଇବାର ଅନ୍ତତଃ ୨ଘଣ୍ଟା ପୂର୍ବରୁ କରିବା ଆବଶ୍ୟକ । ଏପରି କଲେ ଆମ ଖାଦ୍ୟ ଭଲ ଭାବେ ହଜମ ହେବା ସହ ନିଦ ଭଲ ହୋଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।

## ବିନା ତାରରେ ଚାଲିବ ସମସ୍ତ ଘରୋଇ ଯନ୍ତ୍ର

ତାରବିହୀନ ବା ୱାୟାରଲେସ ଫୋନ, ଇଣ୍ଟରନେଟ୍, କି ବୋର୍ଡ୍, ମାଉସ ଆଦିର ଉଦ୍ଭାବନ ପରେ ଏବେ ସଂପୂର୍ଣ୍ଣ ଘରକୁ ତାର-ମୁକ୍ତ କରିବାର କାରିଗରୀ କୌଶଳ ବିକଶିତ ହୋଇଛି । ଏହି ଅଭିନବ ବ୍ୟବସ୍ଥାକୁ କୁହାଯାଉଛି 'ୱାଇଟ୍ରାଇସିଟି' । ଏହି ବ୍ୟବସ୍ଥାରେ ଘରେ ଲାଗିଥିବା ଟେଲିଭିଜନ, ମିକସର, ହିଟର ଆଦି ବୈଦ୍ୟୁତିକ ଯନ୍ତ୍ରଗୁଡ଼ିକୁ 'ଅନ' କରିବା ପାଇଁ ତାର, ପ୍ଲଗ ବା ସୁଇଚର ଆବଶ୍ୟକତା ନାହିଁ । କେବଳ ଏକ ଯନ୍ତ୍ର ମାଧ୍ୟମରେ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ର ଆଠ ଫୁଟ୍ ଦୂରତ୍ୱ ମଧ୍ୟରେ ଥିବା ସମସ୍ତ ବୈଦ୍ୟୁତିକ ଯନ୍ତ୍ରପାତିକୁ ଶକ୍ତି ଯୋଗାଇବା ।

## ସ୍ମାର୍ଟ ଟ୍ରି

କୋୟମ୍ବାଟୁରରେ ଆରମ୍ଭ ହୋଇଛି 'ସ୍ମାର୍ଟଟ୍ରି' ସେବା । ସୌରଶକ୍ତିଚାଳିତ 'ସ୍ମାର୍ଟଟ୍ରି' ବା ସ୍ମାର୍ଟ ଗଛ, ଏକାଧିକ କାରିଗରୀ କୌଶଳରେ ବିକଶିତ । ଏହି ଗଛ ତଳେ ଲୋକଙ୍କୁ ୱାଇ-ଫାଇ ସେବା ମିଳିପାରିବ । ଫୋନ, ଲାପଟପ ବ୍ୟାଟେରି ଆଦି ରିଚାର୍ଜ କରିହେବ । ଥରକେ ତିରିଶ ଜଣ ଏହାର ସୁବିଧା ପାଇପାରିବେ । ଗଛର ଡାଳ ଗୁଡ଼ିକ ଫାଇଭର ଓ ଜିଙ୍କରେ ତିଆରି । 'ସ୍ମାର୍ଟ ଟ୍ରି' ନିର୍ମାଣରେ ଖର୍ଚ୍ଚ ହୋଇଛି ବାର ଲକ୍ଷ ଟଙ୍କା । ଏହାର ସଫଳତା ମିଳିବା ଭବିଷ୍ୟତରେ ସେହି ପରି ତିରିଶଟି 'ସ୍ମାର୍ଟ୍ ଟ୍ରି' ବିକଶିତ କରିବା ଲାଗି ନିର୍ମାଣକାରୀ କମ୍ପାନୀ ଲକ୍ଷ୍ୟ ରଖିଛି ।



## ଆନ୍ଥୋରିୟମ୍

ଏହା ଏକ ଉଚ୍ଚ ବର୍ଗର ଫୁଲ । ଏହି ଅତ୍ୟାଧୁନିକ ଫୁଲ ସାଧାରଣତଃ କଟ୍ ଫ୍ଲାୱାର ଭାବରେ ବ୍ୟବହୃତ ହୁଏ । ଏହା ଇନଡୋର ପ୍ଲାଣ୍ଟ ଭାବରେ ବ୍ୟବହୃତ ହୁଏ । ଏହି ଗଛ ଖୁବ କମ୍ ଖରା ଲୋଡ଼େ । ତେବେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ୭୫ପ୍ରତିଶତ ନେଟ୍ ଲଗାଇ ତାପମାତ୍ରା ରୋକି ହେବ । ଏହି ଗଛକୁ ସକାଳର ସୂର୍ଯ୍ୟକିରଣରେ ଦୁଇ ତିନି ଘଣ୍ଟା ତଥା ଖୋଲା ପବନ ମିଳୁଥିବା ଜାଗାରେ ରଖି ପାରିବେ । ଏପରି ସ୍ଥାନରେ ଗଛ ଭଲ ପଢ଼େ । ଗଛ ଲଗାଇବା ପାଇଁ କୁଣ୍ଡରେ ମୁଖ୍ୟତଃ କୋଇଲା ଓ ଇଟା ଖଣ୍ଡ ବ୍ୟବହୃତ ହୁଏ । ବର୍ଷସାରା ଏହି ଗଛରେ ଫୁଲ ଫୁଟେ । ଗଛ ଲଗାଇବା ବେଳେ ବା ରିପଟିଂ ବେଳେ କୁଣ୍ଡରେ ୫୦ଭାଗ ମାଟି, ୩୦ ଭାଗ ବାଲି, ପତ୍ର ଖତ ବା ଗୋବର ଖତ ୨୦ ଭାଗ ବ୍ୟବହାର କରାଯାଏ । ଗଛ ପାଇଁ ଖାଦ୍ୟ ରୂପେ ବୋନ ମିଲ, ସୋରିଷ ପିଡ଼ିଆ, ବାଦାମ, ନିମସିଲଡ ବ୍ୟବହାର କରିହେବ । ରୋଗ ନିରାକରଣ ପାଇଁ ୨୦ ଦିନରେ ଥରେ ବାଭିଷ୍ଟିନ୍ ସ୍ପ୍ରେ କରା ଯାଇପାରିବ । ବଜାରରେ ଏହି ଗଛର ଦାମ ୨୦୦ରୁ ୨୫୦ ଟଙ୍କା ଏବଂ ଗୋଟିଏ ଫୁଲର ଦାମ ୨୦ରୁ ୪୦ଟଙ୍କା । ତେଣୁ ବ୍ୟବସାୟିକ ଉଦ୍ଦେଶ୍ୟରେ ମଧ୍ୟ ଆନ୍ଥୋରିୟମ ଚାଷ କରାଯାଇପାରିବ ।



# ମହିଳା ଦିବସ ଉପଲକ୍ଷେ ନାରୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା

## ସମାଜର ବକାଶ ପାଇଁ ନାରୀମାନଙ୍କର ଭୂମିକା ଅତୁଳନୀୟ : ବାଚସ୍ପତି

ଭୁବନେଶ୍ୱର,୦୮/୦୩ (ନି.ପ୍ର): ବିଶ୍ୱ ମହିଳା ଦିବସ ଉପଲକ୍ଷେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା, ଆଟିଭର ଫାଉଣ୍ଡେସନ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ନାରୀ ପ୍ରତିଭାମାନଙ୍କୁ ଗୀତଗୋବିନ୍ଦ ସଦନ ପରିସରରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆଟିଭର ନ୍ୟୁଜର ସ୍ୱନକ୍ଷତ୍ର ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ ଯେ, ସମାଜର ବିକାଶ ପାଇଁ ନାରୀମାନଙ୍କର ଭୂମିକା ଅତୁଳନୀୟ । ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ସମାଜର ବିକାଶ ପ୍ରତି ବିନିଯୋଗ କରିପାରିଲେ ଏକ ଉନ୍ନତ ରାଜ୍ୟ, ଦେଶ ଗଠନ ହୋଇପାରିବ । ପୁରାଣ, ଇତିହାସରେ ଏହାର ବହୁ ଜ୍ୱଳନ୍ତ ଉଦାହରଣ ରହିଛି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ, ରାଜ୍ୟ ଯୋଜନା ବୋର୍ଡ଼ର ଉପାଧକ୍ଷ ସଞ୍ଜୟ ଦାସବର୍ମା, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଆଡ଼ଭୋକେଟ ଗୋପାଳକୃଷ୍ଣ ମହାନ୍ତି, ପ୍ରଫେସର ମେଜର କଳ୍ପନା ଦାସ, ଦୂରଦର୍ଶନର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ଆଡ଼ଭୋକେଟ ବିଷ୍ଣୁପ୍ରସାଦ ପାତ୍ର, ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ଆଟିଭର ଫାଉଣ୍ଡେସନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ, ଭାରତୀୟ ଫିଜିଆଟାରୀ ସୋସାଇଟିର ଅତିରିକ୍ତ ସାଧାରଣ ସମ୍ପାଦକ ଡ. ଶୁଭେନ୍ଦୁ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଏକ ବିକାଶଶୀଳ ସମାଜରେ ନାରୀମାନେ ଯୁଗେ ଯୁଗେ ପ୍ରମୁଖ ଭୂମିକା ତୁଲାଇ ଆସିଛନ୍ତି ବୋଲି କହିଥିଲେ । ଉତ୍ସବର ପ୍ରାରମ୍ଭରେ ପ୍ରେରଣା ଗ୍ରୀନ୍ ଆର୍ମିର ଅଧକ୍ଷ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି କହିଲେ ଯେ, ଓଡ଼ିଶାରେ ଅତୀତରୁ ବର୍ତମାନ ପର୍ଯ୍ୟନ୍ତ ନାରୀ ପ୍ରତିଭାମାନେ ସେମାନଙ୍କର ଦକ୍ଷତା ଦେଶ ବିଦେଶରେ ପ୍ରଦର୍ଶନ କରି ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି । ସେହି ମହିୟସୀ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ସହିତ ଆଗାମୀ ଦିନରେ ସମାଜର ସାମଗ୍ରୀକ ବିକାଶରେ ସାମିଲ୍ କରିବା ଆମ୍ଭର ଏହି ଉତ୍ସବର ମୁଖ୍ୟ ଆଭିମୁଖ୍ୟ । ଏହି ଅବସରରେ ଡଃ ସୁଷମା ମିଶ୍ରଙ୍କୁ କୁନ୍ତଳାକୁମାରୀ ସାହିତ୍ୟ ସମ୍ମାନ, ସରିତା ପଟେଲଙ୍କୁ ରମାଦେବୀ ସମାଜସେବୀ ସମ୍ମାନ, ପ୍ରଫେସର ସରୋଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ମାଳତୀ ଚୌଧୁରୀ ସେବା ସମ୍ମାନ, ବିନି ସାମଲଙ୍କୁ ପାର୍ବତୀ ଘୋଷ ସ୍ମାରକୀ ସିନେ ସମ୍ମାନ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କୁ ନନ୍ଦିନୀ ଶତପଥୀ ସେବା ସମ୍ମାନ, ଡ. ସ୍ୱାଧୀନାଙ୍କୁ ଓଡ଼ିଶାର ଶ୍ରେଷ୍ଠ ନାରୀ ପ୍ରତିଭା ସମ୍ମାନ, ସୁସ୍ମିତା ଦାସଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ନମ୍ରତା ସିଂଦେଓଙ୍କୁ ଚଳିତବର୍ଷର ଶ୍ରେଷ୍ଠ ସିନେ ଅଭିନେତ୍ରୀ ସମ୍ମାନ, ମାନସୀ ପାଲଙ୍କୁ ଶ୍ରେଷ୍ଠ ଧାରାବାହିକ ସମ୍ମାନ, ନିଲ୍ ପଣ୍ଡାଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ, ମିନତୀ ସିଂ ଓ ମୌସୁମୀ ମହାନ୍ତିଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, ରୋଜାଲିନ, ଗୁନ୍‌ଗୁନ୍, ଶିବାନୀ ମୁଦ୍ରା, ଗାୟତ୍ରୀ ମହାନ୍ତିଙ୍କୁ ଶ୍ରେଷ୍ଠ ଉପସ୍ଥାପିକା ସମ୍ମାନ, ମିସ୍ ଟିମ୍ ଇଣ୍ଡିଆ ମିଲନ କୁମାରୀ ପଣ୍ଡାଙ୍କୁ ଶ୍ରେଷ୍ଠ ନାରୀ ପ୍ରତିଭା, ଆମ୍ରିକା ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା, ରୋଛନା ମହାପାତ୍ରଙ୍କୁ ଶ୍ରେଷ୍ଠ ମେଧାବୀ ଛାତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ବହୁ ସମାଜସେବୀଙ୍କୁ ମଧ ସମ୍ମାନିତ କରାଯାଇଥିଲା ।

# ଏମ୍ସ ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ରିମାଟୋଲୋଜି ସ୍ୱତନ୍ତ୍ର କ୍ଲିନିକ୍ ସେବା ଆରମ୍ଭ

## ପ୍ରତ୍ୟେକ ଶୁକ୍ରବାର ଅପରାହ୍ଣ ୨ ରୁ ୫ ଟା ଯାଏଁ ମିଳିବ ସେବା

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଆଣ୍ଠୁଗଣ୍ଠିବାତ ଓ ମାଂସପେଶୀଜନିତ ବିଭିନ୍ନ ରୋଗ ଏବଂ ଏସ୍‌ଏଲଇ ଓ ସ୍କଲେରୋଡର୍ମା ଭଳି ନାନା ସମସ୍ୟାରେ କଷ୍ଟ ଭୋଗୁଥିବା ବ୍ୟକ୍ତିଙ୍କୁ ବିଶେଷ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ ଏମ୍ସ ଭୁବନେଶ୍ୱରରେ ବହୁପ୍ରତୀକ୍ଷିତ ଆଣ୍ଠୁଗଣ୍ଠି ବାତ (ରିମାଟୋଲୋଜି) ସ୍ୱତନ୍ତ୍ର କ୍ଲିନିକ୍ ସେବାର ଶୁଭାରମ୍ଭ କରାଯାଇଛି । ଏମ୍ସ ଭୁବନେଶ୍ୱରର ଜେନେରାଲ୍ ମେଡିସିନ୍ ବିଭାଗ ଅଧୀନରେ ଏହି ସ୍ୱତନ୍ତ୍ର କ୍ଲିନିକ୍ ଚଳିତ ମାସ ୪ରୁ କାର୍ଯ୍ୟାରମ୍ଭ କରିଛି । ଏହି କ୍ଲିନିକ୍ ଜେନେରାଲ୍ ମେଡିସିନ୍ ବିଭାଗର ମୁଖ୍ୟ ଡ. ଅନୁପମ ଦେ'ଙ୍କ ନେତୃତ୍ୱରେ ପରିଚାଳିତ ହେବ । ଏହି କ୍ଲିନିକ୍ ପ୍ରତ୍ୟେକ ଶୁକ୍ରବାର ଦିନ ୨ ରୁ ୫ ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

"ଭାରତୀୟ ଜନସଂଖ୍ୟାର ପ୍ରାୟ ୧୫-୨୦% ପ୍ରତିଶତ ଲୋକ ଗଣ୍ଠିବାତ ଓ ମାଂସପେଶୀଜନିତ ଭଳି ବିଭିନ୍ନ ରୋଗରେ ପୀଡ଼ିତ । ଭାରତରେ ପ୍ରାୟ ୧୮୦ ମିଲିୟନରୁ ଅଧିକ ଲୋକଙ୍କୁ ଗଣ୍ଠିବାତ (ଆର୍ଥ୍ରାଇଟିସ୍) ପ୍ରଭାବିତ କରିଛି । ଗବେଷଣାରୁ ମିଳିଥିବା ତଥ୍ୟ ଅନୁସାରେ ଭାରତରେ ପ୍ରାୟ ୧୦ ଲକ୍ଷ ଲୋକ ଯନ୍ତ୍ରଣାଦାୟକ ରିମାଟଏଡ ଆର୍ଥ୍ରାଇଟିସରେ ପୀଡ଼ିତ । ଗଣ୍ଠିବାତଜନିତ (ରିମାଟୋଲୋଜିକାଲ୍) ରୋଗ ସବୁ ବୟସ ବର୍ଗଙ୍କୁ ପ୍ରଭାବିତ କରିଥାଏ । ଏହି ରୋଗର ପ୍ରକୃତି ଦୀର୍ଘସ୍ଥାୟୀ ଏବଂ ସୁସ୍ଥ ହେବା ପରେ ମଧ ପୁନର୍ବାର ଫେରୁଥିବାରୁ ଏହା ଦୀର୍ଘ ଦିନର ଚିକିତ୍ସା ଆବଶ୍ୟକ କରିଥାଏ ବୋଲି ରିମାଟୋଲୋଜି କ୍ଲିନିକ୍ ମୁଖ୍ୟ ଡ. ଅନୁପମ ଦେ ପ୍ରକାଶ କରିଛନ୍ତି ।

"ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟ ଆରମ୍ଭ କରିଥିବା ରିମାଟୋଲୋଜି ସ୍ୱତନ୍ତ୍ର କ୍ଲିନିକ୍ ଆର୍ଥ୍ରାଇଟିସ୍ ରୋଗୀ ଏବଂ ବିଭିନ୍ନ ଅଟୋଇମ୍ୟୁନୋ ରୋଗରେ ପୀଡିତ ଲୋକଙ୍କୁ ବିଶେଷ ସେବା ଯୋଗାଇଦେବ । ଇଞ୍ଜେକ୍ସନ ନେଉଥିବା କିମ୍ବା ଇମ୍ୟୁନୋସପ୍ରେସାଂଟ ଔଷଧ ଆବଶ୍ୟକ କରୁଥିବା ରୋଗୀଙ୍କୁ ଡେକେୟାର ଚିକିତ୍ସା ସେବା ଯୋଗାଇ ଦିଆଯିବା ସହିତ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଏବଂ କାଉନ୍ ସେଲିଙ୍ଗ୍ ମଧ କରାଯିବବୋଲି ଡ. ଅନୁପମ ଦେ ସୂଚନା ଦେଇଛନ୍ତି ।

ଏହି ଅବସରରେ ମେଡିସିନ୍ ଓପିଡିରେ ଜନସଚେତନତା ଅଭିଯାନ ହାତକୁ ନିଆଯାଇଥିଲା । ରୋଗୀ ଏବଂ ସମ୍ପର୍କୀୟମାନଙ୍କୁ ବିଭିନ୍ନ ରିମାଟୋଲୋଜିକାଲ୍ ରୋଗ, ଏହାର ଶୀଘ୍ର ଚିହ୍ନଟ ଏବଂ ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ ସହିତ ପାମ୍ପଲେଟ୍ ମଧ ବଂଟନ କରାଯାଇଥିଲା । ଏହି ସ୍ୱତନ୍ତ୍ର କ୍ଲିନିକ୍ ରେ ଡ. ସୁଜାତା ଦେବୀ, ଡ. ଦେବାନନ୍ଦ ସାହୁ ଏବଂ ଡ. ଅର୍ପିତା ଦାଶ ପ୍ରମୁଖ ସେବା ଯୋଗାଇଦେବେ ।

# ପୂର୍ବତନ କର୍ପୋରେଟର ଦମ୍ପତିଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଆଜି ଭୁବନେଶ୍ୱରର ୧୯ନଂ ୱାର୍ଡର ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ ଏବଂ ତାଙ୍କ ଧର୍ମପତ୍ନୀ ଜୋସ୍ନ୍ୟାମୟୀ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି । ସେହିପରି ୮ ଦିନ ତଳେ କଂଗ୍ରେସ ଦଳ ଛାଡ଼ି ବିଜେଡ଼ିରେ ଯୋଗଦେଇଥିବା ପ୍ରକାଶ ଜେନା ଓ ତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ଜେନା କଂଗ୍ରେସକୁ ପ୍ରତ୍ୟାବର୍ତନ କରିଛନ୍ତି । ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ଏବଂ ସାଂସଦ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଭରସା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ଉପସ୍ଥିତିରେ ଶ୍ରୀ ରାଉତରାୟ ଦମ୍ପତି ଏବଂ ଶ୍ରୀ ଜେନା ଶତାଧିକ କର୍ମୀଙ୍କ ସହ କଂଗ୍ରେସରେ ଯୋଗଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶଙ୍କ ସମେତ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ସଂପାଦକ, ମାନସ ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ଅକ୍ଷୟ ଦାସ, ଶ୍ରୀଧର ବଳିଆର ସିଂ, ଜୟକୃଷ୍ଣ ସୁବୁଦ୍ଧି, ମୋହନ ଜେନା, ଶ୍ରୀନିବାସ ରାଉତରାୟ, ପ୍ରକାଶ ମିଶ୍ରଙ୍କ ସମେତ ବହୁ ମହିଳା, ଯୁବ, ଛାତ୍ର ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶ କଂଗ୍ରେସ ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରି ଆଗାମୀ ଦିନରେ ଭୁବନେଶ୍ୱରରେ କଂଗ୍ରେସ ସୁଦୃଢ଼ ହେବ ବୋଲି ଆଶାପୋଷଣ କରିଥିଲେ । ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ରାଉତରାୟ ୧୯ ନଂ ୱାର୍ଡରୁ ଭାରତୀୟ ଜାତୀୟ କଂଗ୍ରେସରେ କର୍ପୋରେଟର ପ୍ରାର୍ଥୀ ହୋଇଥିବା ବେଳେ ୩୧ନଂ ୱାର୍ଡରୁ ପ୍ରକାଶ ଜେନାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ଜେନା ପ୍ରାର୍ଥୀ ହୋଇଛନ୍ତି ।

# ଅଣ-ବାସୁମତୀ ଚାଉଳ ରପ୍ତାନୀ ବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୦୮/୦୩ (ନି.ପ୍ର): କୃଷକମାନଙ୍କ ଆୟବୃଦ୍ଧି ଦିଗରେ ଅନ୍ୟ ଏକ ବଡ ପଦକ୍ଷେପ ଭାବେ ରାଜ୍ୟ ସରକାର ଓଡ଼ିଶାରୁ ଅଣ-ବାସୁମତୀ ସୁଗନ୍ଧଯୁକ୍ତ ଚାଉଳ ରପ୍ତାନୀ ବୃଦ୍ଧି ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଇତି ମଧ୍ୟରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ, ଭାରତ ସରକାରଙ୍କ କୃଷି ଓ ପ୍ରକ୍ରିୟାକରଣ ଖାଦ୍ୟଦ୍ରବ୍ୟ ରପ୍ତାନୀ କର୍ତୃପକ୍ଷ (ଆପେଡା), କୃଷି ବୈଜ୍ଞାନିକ, ଚାଉଳ ରପ୍ତାନୀକାରୀ ସଂଘର ପ୍ରତିନିଧି ପ୍ରମୁଖ ଯୋଗଦେଇ ରାଜ୍ୟରୁ ଚାଉଳ ରପ୍ତାନୀ ବୃଦ୍ଧି ସମ୍ବନ୍ଧିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାର କୃଷି-ଜଳବାୟୁ ଜୋନ୍, ରାଜ୍ୟରେ ବହୁପ୍ରକାର ସୁଗନ୍ଧିତ ଧାନ ଉତ୍ପାଦନ ନିମନ୍ତେ ପ୍ରାକୃତିକ ସମ୍ବଳ, କୃଷକମାନଙ୍କର କୌଶଳ, ଚାଉଳ ରପ୍ତାନୀ ନିମନ୍ତେ ରାଜ୍ୟରେ ଥିବା ବନ୍ଦର ଓ ଭିତିଭୂମି ଆଦିକୁ ବିଚାର କରି ଅଣ-ବାସୁମତୀ ଚାଉଳ ରପ୍ତାନୀ ନିମନ୍ତେ ଏକ ସହାୟକ ବାତାବରଣ ଓ ଆନୁଷ୍ଠାନିକ ବ୍ୟବସ୍ଥା ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ତ୍ରିପାଠୀ କହିଥିଲେ ଯେ ରାଜ୍ୟରୁ ଚାଉଳ ରପ୍ତାନୀର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଆପେଡା କର୍ତୃପକ୍ଷ ଓ ରାଜ୍ୟ କୃଷି ନିର୍ଦ୍ଦେଶାଳୟ ମିଳିତଭାବେ କୃଷକ ସଂଘ, ରପ୍ତାନୀକାରୀ ସଂସ୍ଥା ଏବଂ କୃଷି ବିଭାଗ ଅଧିକାରୀମାନଙ୍କୁ ସାମିଲ କରି କ୍ଷେତ୍ରସ୍ତରରେ ଆଲୋଚନା ଓ କୃଷକ ଅନୁପ୍ରେରଣାଶିବିରମାନ ଆୟୋଜନ କରିବା ନିମନ୍ତେ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଚାଷୀମାନେ ରପ୍ତାନୀ ଯୋଗ୍ୟ ଧାନ ଓ ଚାଉଳ ଉତ୍ପାଦନ ନିମନ୍ତେ ବିଶ୍ୱାସ ଓ ଭରଷା ପାଇବେ ବୋଲି ସେ କହିଥିଲେ । ଅଣ-ବାସୁମତୀ ସୁଗନ୍ଧଯୁକ୍ତ ଚାଉଳ ପାଇଁ ଧାନ ଚାଷ ନିମନ୍ତେ କ୍ଲଷ୍ଟର ପଦ୍ଧତି ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କୃଷି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଯେଉଁ ଅଂଚଳଗୁଡିକ ଏଥିପାଇଁ ଅଧିକ ଉପଯୋଗୀ ସେଗୁଡିକୁ ଚିହ୍ନଟ କରିବା ସହ ଅଣ-ବାସୁମତୀ ଧାନ ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷକମାନଙ୍କୁ ଆବଶ୍ୟକୀୟ ବିହନ ଓ କୃଷି କୌଶଳ ଯୋଗାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

ଚାଉଳ ରପ୍ତାନୀ ପ୍ରକ୍ରିୟାସହ ସଂପୃକ୍ତ ଅଂଶୀଦାରମାନଙ୍କୁ ନେଇ ଏକ ବିଶେଷଜ୍ଞ ଟିମ୍ ଗଠନ କରିବା ନିମନ୍ତେ ମଧ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଆନ୍ଧ୍ରରେ ଚାଉଳ ରପ୍ତାନୀ ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତିର ଅଧ୍ୟୟନ ଏବଂ ଏହି ଆଲୋଚନା ଚକ୍ରରୁ ମିଳିଥିବା ପରାମର୍ଶ ଆଦିକୁ ସମନ୍ୱିତ କରି ରାଜ୍ୟ ପାଇଁ ଏକ ବାସ୍ତବବାଦୀ କାର୍ଯ୍ୟ ଯୋଜନା ତୁରନ୍ତ ପ୍ରସ୍ତୁତ କରିବା ପାଇଁ ଶ୍ରୀ ମହାପାତ୍ର କୃଷି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରପ୍ତାନୀ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପରୀକ୍ଷାଗାର ଶୃଙ୍ଖଳ, ଭଣ୍ଡାର, ଚାଷୀମାନଙ୍କ ମଧ୍ୟରେ ଆନ୍ତର୍ଜାତୀୟ ଖାଦ୍ୟାଭ୍ୟାସ ବିଷୟରେ ସଚେତନତା ସୃଷ୍ଟି, ଏବଂ କୃଷକଙ୍କ ପାଇଁ ସହଜଲଭ୍ୟ ଓ ନିର୍ଭରଯୋଗ୍ୟ ଆନୁଷ୍ଠାନିକ ବ୍ୟବସ୍ଥା ଆଦି ବିଷୟରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ସଂଜୀବ ଚୋପ୍ରା, ଆପେଡା ନିର୍ଦ୍ଦେଶକ ଡଃ ଅଙ୍ଗମୁଥୁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, କୃଷି ନିର୍ଦ୍ଦେଶକ ଡଃ ମୁଥୁ କୁମାର, ଚାଉଳ ରପ୍ତାନୀକାରୀ ସଂଘ ସଭାପତି ଭି.ଭି.ରାଓଙ୍କ ସମେତ ବରିଷ୍ଠ ବୈଜ୍ଞାନିକ, ଏବଂ ଅଧିକାରୀମାନେ ଆଲୋଚନା ଚକ୍ରରେ ନିଜ ନିଜର ସୁଚିନ୍ତିତ ବିଶ୍ଳେଷଣ ଉପସ୍ଥାପନ କରିଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୦୮ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୪୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ୧୨୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୪ ଜଣ, ଭଦ୍ରକ ଜିଲ୍ଲାରୁ ୧ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୨ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ଜିଲ୍ଲାରୁ ୨ ଜଣ, ଗଜପତିରୁ ୧୪ ଜଣ, ଗଞ୍ଜାମ ଜିଲ୍ଲାରୁ ୧୫ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୧୧ ଜଣ, କଳାହାଣ୍ଡିର ଜିଲ୍ଲାରୁ ୨ ଜଣ କେନ୍ଦ୍ରାପଡ଼ାରୁ ୭ ଜଣ, ଖୋର୍ଦ୍ଧାରୁ ୬ ଜଣ, କୋରାପୁଟରୁ ୫ ଜଣ, ମୟୂରଭଞ୍ଜରୁ ୬ ଜଣ, ସମ୍ବଲପୁରରୁ ୬ ଜଣ, ସୁନ୍ଦରଗଡ଼ରୁ ୮ ଜଣ , ସୋନପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୮୬,୧୧୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୫, ୭୬୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧, ୧୯୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ନିଶା ମାଫିଆ ଅନୀଲର ୨ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ପାଇଁ ଚିଠି ଲେଖିଲା ଏସଟିଏଫ୍

ଭୁବନେଶ୍ୱର,୦୮/୦୩ (ନି.ପ୍ର): କୁଖ୍ୟାତ ନିଶା ମାଫିଆ ଅନୀଲ କୁମାର ପାଣ୍ଡିର ୨ କୋଟି ଟଙ୍କା ମୂଲ୍ୟର ସମ୍ପତିକୁ ବାଜ୍ୟାପ୍ତ କରିବା ପାଇଁ କୋଲକାତା ସ୍ଥିତ ଏନଡିପିଏସଙ୍କୁ ପତ୍ର ଲେଖିଛି କ୍ରାଇମବ୍ରାଂଚ୍ ଏସଟିଏଫ । ଏହି ୨ କୋଟିର ସମ୍ପତି ଭିତରେ ୩ ମହଲା ବିଶିଷ୍ଟ ଏକ ବିଳାସପୂର୍ଣ୍ଣ ଘର ରହିଛି । ଏହି କୋଠାର ଦାମ ୧ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା ବ୍ୟତୀତ ଅନୀଲର ୩୩ଟି ପ୍ଲଟ ଓ ବ୍ୟାଙ୍କ ଜମା ରହିଥିବା ଜଣାଯାଇଛି । କେବଳ ଏତିକି ନୁହେଁ, ଗୁଜୁରାଟ ଓ ମହାରାଷ୍ଟ୍ରରେ ତାହାର ସମ୍ପତି ଥିବାର ସୁରାକ ମିଳିଛି । ସୂଚନା ଅନୁଯାୟୀ ଅନୀଲର ଦୀର୍ଘ ଦିନ ହେବ ନିଶା ବ୍ୟବସାୟରେ ଲିପ୍ତ ଥିଲା । ରାଜ୍ୟରେ ନୁହଁ ରାଜ୍ୟ ବାହାରେ ଗୁଜୁରାଟ ଏବଂ ମହାରାଷ୍ଟ୍ରରେ ମଧ ସେ ବେଆଇନ କାର୍ଯ୍ୟରେ ଲିପ୍ତ ରହିଛି । ପୂର୍ବରୁ ଅନୀଲର ଭାଇ ସୁନିଲ ପାଣ୍ଡେଙ୍କୁ ମଧ ଗୁଜୁରାଟ ପୋଲିସ ଗିରଫ କରିଛି । ଏହି ଦୁଇ ଭାଇଙ୍କ ସହ ଅନ୍ୟ କିଛି ଜଣ ମିଶି ଗଞ୍ଜେଇ କାରବାର କରୁଥିବାର ଅନୁମାନ କରିଛି ଏସଟିଏଫ । ଗଜପତିରୁ ଏହି ବ୍ୟବସାୟ ଆରମ୍ଭ କରି ବିଭିନ୍ନ ସ୍ଥାନକୁ ନେଟ ୱାର୍କ ଚଳାଉଥିଲା ଅନୀଲ । ଏପରିକି ମାଓବାଦୀ ସହ ମିଶି ଗଞ୍ଜେଇ ଚଷ କରୁଥିବା ଏସଟିଏଫ ସନ୍ଦେହ କରୁଛି । ଗତ ୨୦୨୧ ମସିହା ଅଗଷ୍ଟ ୧୩ରେ ୧୦ କୁଇଂଟାଲ ଗଞ୍ଜେଇ ସହ ଏକ ଟ୍ରକ ଜବତ ହୋଇଥିଲା । ଏଥିରେ ଅନୀଲର ସମ୍ପୃକ୍ତି ରହିଥିବା କୁହାଯାଉଛି ।

# ୟୁକ୍ରେନରୁ ଫେରିଲେ ୭୭ ଓଡ଼ିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର ,୦୮/୦୩ (ନି.ପ୍ର): ଯୁଦ୍ଧପ୍ରବଣ ୟୁକ୍ରେନ୍‌ରୁ ସୋମବାର ଦିନ ୭୭ଜଣ ଓଡ଼ିଆ ଛାତ୍ରଛାତ୍ରୀ ଓଡ଼ିଶା ଫେରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ବିମାନରେ ଅପରାହ୍‌ଣ ସାଢ଼େ ୫ଟାରେ ନୂଆଦିଲ୍ଲୀରୁ ସେମାନେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କ ପାଠପଢ଼ା କିଭଳି ଜାରି ରହିବ ସେଥିପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ ପାଣ୍ଡିଆନ ମଧ ଉପସ୍ଥିତ ରହି ପିଲାମାନଙ୍କ ସହିତ ଆଲୋଚନା କରିଥିଲେ । ୟୁକ୍ରେନ୍‌ରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଘରକୁ ଫେରାଇ ଆଣିବା ଲାଗି ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦୁଇଟି ବସ୍ ଯୋଗେ ସେମାନଙ୍କୁ ଯୁଦ୍ଧ ଅଞ୍ଚଳରୁ ନିରାପଦ ଉଦ୍ଧାର କରାଯାଇଥିଲା । ବର୍ତମାନ ସୁଦ୍ଧା ୪୫୩ ଛାତ୍ରଛାତ୍ରୀ/ ପରିବାର ରାଜ୍ୟ ସରାକାରଙ୍କୁ ଯୋଗାଯୋଗ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩୪୩ଜଣ ଭାରତ ଫେରି ଆସିଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି ।

# କରୋନା ରୋଗୀ ମୁକ୍ତ ହେଲା ୨ ଜିଲ୍ଲା

ଭୁବନେଶ୍ୱର ,୦୮/୦୩ (ନି.ପ୍ର): ରାଜ୍ୟରେ କରୋନାର ତୃତୀୟ ଲହର ଶେଷ ହୋଇ ଆସୁଥିବା ବେଳେ ଗୋଟିଏ ପରେ ଗୋଟିଏ ଜିଲ୍ଲା କରୋନା ମୁକ୍ତ ହେବାରେ ଲାଗିଛି । ଏବେ କଳାହାଣ୍ଡି ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ବି ଚିକିତ୍ସାଧୀନ ରୋଗୀ ନାହାନ୍ତି । ଏହାସହ ରାଜ୍ୟର ଆଉ ୫ ଜିଲ୍ଲାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୧୦ତଳେ ରହିଛି । ତେଣୁ ଏସବୁ ଜିଲ୍ଲା ମଧ ଖୁବଶୀଘ୍ର କରୋନା ମୁକ୍ତ ହେବେ ବୋଲି ଆଶା କରାଯାଉଛି ।

କରୋନାର ତୃତୀୟ ଲହର ଏବେ ଏକ ଥିକ୍ ଟେଲ୍ ବା ମୋଟା ଲାଞ୍ଜ ସଦୃଶ ହୋଇଛି । ଗତ ସପ୍ତାହ ହେଲା ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଶହେ ଉପରେ ଜାରି ରହିଛି । ଆଶ୍ୱସ୍ତିର ବିଷୟ ହେଉଛି, ଏକାଧିକ ଜିଲ୍ଲାରୁ ଆକ୍ରାନ୍ତଙ୍କ ସଂଖ୍ୟା ଶୂନ ରହିଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ୧୨୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ଅନୁଗୁଳ, ସମ୍ବଲପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ଗଜପତି ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ଶୂନ କିମ୍ବା ୧୦ ତଳେ ଦେଖିବାକୁ ମିଳିଛି । ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୮୬ହଜାର ୯କୁ ବୃଦ୍ଧି ପାଇଛି ।

ଚଳିତ ତୃତୀୟ ଲହରରେ ତୃତୀୟ ଥର ଲାଗି ରାଜ୍ୟରେ ଆଜି କେ ?ଣସି କରୋନା ମୃତକ ଘୋଷଣା ହୋଇ ନାହାନ୍ତି । ରାଜ୍ୟରେ ମୋଟ କରୋନା ମୃତକଙ୍କ ସଂଖ୍ୟା ୯୧୦୧ରେ ସ୍ଥିର ରହିଛି । ନିକଟରେ ଆଇସିଏମ୍ଆର ପକ୍ଷରୁ ଦେଶରେ ତୃତୀୟ ଲହରରେ ପ୍ରାଣ ହରାଇଥିବା ମୃତକଙ୍କ ମଧ୍ୟରୁ ୯୨ ପ୍ରତିଶତ ଟିକା ନେଇ ନ ଥିବା ଦାବି କରାଯାଇଛି । ଓଡ଼ିଶାରେ ଗତ ୨ମାସ ଭିତରେ ୬୨୮ରୁ ଅଧିକ ସଂକ୍ରମିତ କରୋନାରେ ପ୍ରାଣ ହରାଇଛନ୍ତି । ତହିଁରୁ ୫୦ ପ୍ରତିଶତ ଆଦୌ କୋଭିଡ ଟିକା ନେଇ ନାହାନ୍ତି । ବଳକା ୫୦ ପ୍ରତିଶତ ମଧ୍ୟରୁ ୩୦ ପ୍ରତିଶତ ପ୍ରଥମ ଓ ୨୦ ପ୍ରତିଶତ ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ମାତ୍ର ଯେତିକି ସଂକ୍ରମିତ ପ୍ରାଣ ହରାଇଛନ୍ତି ତହିଁରୁ ୮୦ ପ୍ରତିଶତ କୋ-ମର୍ବିଡ୍ ବା ଜଟିଳ ରୋଗରେ ପ୍ରାଣ ହରାଇଥିବା କୁହାଯାଇଛି । ରାଜ୍ୟରେ ତୃତୀୟ ଲହରରେ ଓମିକ୍ରନ୍ ନୁହେଁ, ଡେଲ୍‌ଟା ଯୋଗୁଁ ଅଧିକ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ପୂର୍ବରୁ ଦାବି କରି ଆସିଛନ୍ତି ।

ରାଜ୍ୟରେ ସୋମବାର ଦିନ୨୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାହାଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୧୦୮୮କୁ ଖସି ଆସିଛି । ଅନ୍ୟପକ୍ଷରେ ସମୁଦାୟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୨ଲକ୍ଷ ୭୫ହଜାର ୭୬୭କୁ ବୃଦ୍ଧି ପାଇଛି ।

# ଅନିଶ୍ଚିତତାରେ ଲାପ୍‌ସ ଟୋକନ ନବୀକରଣ

ଭୁବନେଶ୍ୱର ,୦୮/୦୩ (ନି.ପ୍ର): ମାର୍ଚ୍ଚ ୩୧ରେ ସରିଯିବ ସରକାରୀ ମଣ୍ଡିରେ ୨୦୨୧-୨୨ ଖରିଫ୍ ଧାନ ସଂଗ୍ରହ ଅବଧି । ପଞ୍ଜୀକୃତ ୧୫ ଲକ୍ଷ ୪୩ ହଜାର ୩୨୬ ଚାଷୀଙ୍କ ମଧ୍ୟରୁ ଏବେ ବି ୩ ଲକ୍ଷ ୧୫ ହଜାର ୬୩୨ ମଣ୍ଡିରେ ଧାନ ବିକ୍ରି କରିପାରିନାହାନ୍ତି । ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍‌ସ ହୋଇଯାଇଛି । ଲାପ୍‌ସ ହୋଇଯାଇଥିବା ଟୋକନର ନବୀକରଣ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ରାଜ୍ୟ ଯୋଗାଣ ବିଭାଗ ସଚିବଙ୍କୁ ଅନୁରୋଧ କରିଛନ୍ତି । ମାତ୍ର ବର୍ତ୍ତମାନ ସୁଦ୍ଧା ଲାପ୍‌ସ ଟୋକନ ନବୀକରଣ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ସବୁଠୁ ଗଞ୍ଜାମ ଜିଲ୍ଲାରେ ଚାଷୀମାନେ ପ୍ରଭାବିତ ହୋଇଛନ୍ତି ।

ଗଞ୍ଜାମ ଚାଷୀ ସୀମାଞ୍ଚଳ ନାଏକଙ୍କ କହିବା କଥା ଡିସେମ୍ବର ୨୯ରୁ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହେଲା । କିନ୍ତୁ ମିଲର୍ସମାନେ ନ ଆସିବାରୁ ସେବା ସମବାୟ ସମିତିରୁ ଟାର୍ଗେଟ ପରିମାଣର ଧାନ ବିକ୍ରି ହେଲା ନାହିଁ । ମଣ୍ଡିରେ ଧାନ ପଡ଼ିରହିବାରୁ ଅନ୍ୟ ଚାଷୀମାନଙ୍କ ଧାନ ମଣ୍ଡିକୁ ଆସିପାରିଲାନାହିଁ । ତେଣୁ ଧାର୍ଯ୍ୟ ତାରିଖ ଗଡ଼ିଯିବାରୁ ଟୋକନ ଲାପ୍‌ସ ହୋଇଗଲା । ଏହାକୁ ନେଇ ଫେବ୍ରୁଆରି ୧୦ରେ ଚାଷୀମାନେ ଆନ୍ଦୋଳନ କରିବାରୁ ଟୋକନ ନବୀକରଣର ପ୍ରତିଶ୍ରୁତି ଦିଆଗଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଜଣେ ବି ଚାଷୀର ଲାପ୍‌ସ ଟୋକନ୍ ନବୀକରଣ ହୋଇନାହିଁ । ଏଣେ ମଣ୍ଡି ଅବଧି ମାର୍ଚ୍ଚ ୩୧ରେ ସରିବ । ଟୋକନ ସ୍ଥିତି ଯାହା ମାର୍ଚ୍ଚ ୧୭ ପରେ ମଣ୍ଡିରୁ ଧାନ ଉଠିବା ସମ୍ଭବ ନୁହେଁ । ଏବେ ବି ଗଞ୍ଜାମ ଜିଲ୍ଲାର ୨୭, ୬୬୮ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି । ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ କେବେଠାରୁ ଅଘୋଷିତ ଭାବରେ ମଣ୍ଡି ବନ୍ଦ ହୋଇଗଲାଣି । ଏଠାରେ ଯଥାକ୍ରମେ ୧୮, ୫୮୧ ଓ ୪୮୦୨ ଚାଷୀ ଧାନ ବିକ୍ରି ପାରିନାହାନ୍ତି । ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହନ୍ତି ଯେ ୮ ବର୍ଷ ହେଲା ଟୋକନ ବ୍ୟବସ୍ଥା ଚାଲୁଛି । କିନ୍ତୁ ୨ ବର୍ଷ ହେଲା ବିକ୍ରି ତାରିଖ ନିର୍ଧାରଣ କ୍ଷମତା ଜିଲ୍ଲାଠାରୁ ଛଡ଼ାଇ ନିଆଯାଇଛି । ଭୁବନେଶ୍ୱରରୁ ନୀତି ପରିଚାଳନା ହେଉଥିବାରୁ ଏହି ସମସ୍ୟା ରହୁଛି । ପଞ୍ଜୀକରଣ ଆଧାରରେ ଭୁବନେଶ୍ୱରରୁ ବିକ୍ରି ତାରିଖ ନିର୍ଧାରଣ ହେଉଛି । କିନ୍ତୁ ସ୍ଥାନୀୟ ପାଣିପାଗକୁ ହିସାବକୁ ନିଆଯାଉନାହିଁ । କେତେବେଳେ ଅମଳ ଆଗୁଆ ହେଉଛି ତ କେତେବେଳେ ବିଳମ୍ବିତ ହେଉଛି । ତେଣୁ ଜିଲ୍ଲା ସ୍ତରରେ ଟୋକନ ଜାରି କରିବା ଉଚିତ ବୋଲି ସେ କହନ୍ତି । କଳାହାଣ୍ଡିରେ ୯୪୨୨ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି । ନିର୍ବାଚନ ଯୋଗୁଁ ବିକ୍ରି ବ୍ୟବସ୍ଥା ପ୍ରତି ଦୃଷ୍ଟି ନଦେବାରୁ କଳାହାଣ୍ଡି ସମେତ ଅନ୍ୟ ଜିଲ୍ଲାରେ ଟୋକନ ଲାପ୍‌ସ ହୋଇଛି । ଯାଜପୁର ଓ ଭଦ୍ରକର ବିଭିନ୍ନ ମଣ୍ଡିରେ ଧାନ ପଡ଼ିରହିଛି । ନିୟମାନୁସାରେ ଗୋଟିଏ ସମବାୟ ସମିତିର ଟାର୍ଗେଟ ସରିଯାଇଥିଲେ ଅନ୍ୟ ସମିତିକୁ ଟ୍ୟାଗ୍ କରିବା କଥା । ମାତ୍ର ଜିଲ୍ଲା ସ୍ତରରେ ଏହି ନିୟମକୁ ଅବହେଳା କରାଯାଇଛି । ତେବେ ଉଭୟ ଜିଲ୍ଲାର ଧାନ ସଂଗ୍ରହ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଧାନ ସଂଗ୍ରହ କମିଟିର ଏକ ଦଳ ସେଠାରେ ପହଞ୍ଚିଛନ୍ତି । ଭଦ୍ରକରେ ୧୮୦୨୯, ଯାଜପୁରରେ ୧୦ ୮୦୭ ଚାଷୀ ଧାନ ବିକ୍ରି କରିନାହାନ୍ତି । ଲାପ୍‌ସ ଟୋକନ ନବୀକରଣ ନହେଲେ ଚାଷୀମାନେ ମଣ୍ଡିରେ ଧାନ ବିକି ପାରିବେନାହିଁ । ଯୋଗାଣ ବିଭାଗର ସୂଚନାନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ୫ କୋଟି ୫୧ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି । ମଣ୍ଡିରେ ବିକ୍ରି ଅବଧି ଏକ ମାସ ରହିଛି । ଅବଧି ମଧ୍ୟରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ବିଭିନ୍ନ ସମୟରେ ମନେ ପକାଇ ଦିଆଯାଉଛି ।

# ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମହିଳା ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୧୦୦ ଜଣ ନାରୀ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳାକୁ ନେଇ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ଆୟୋଜିତ ଏକ ସୁସଜ୍ଜିତ ଚିତ୍ର ପ୍ରଦର୍ଶନୀକୁ ସୋମବାର ସନ୍ଧ୍ୟାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟାଧୀଶ ଡ. ଏସ୍. ମୁରଲୀଧର ଉଦ୍ ଘାଟନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଲଳିତ କଳା ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଏକାଡେମୀ ସଚିବ ପଂଚାନନ ସାମଲ ମୁଖ୍ୟ ବିଚାରପତିଙ୍କୁ ପ୍ରଦର୍ଶନୀ ବୁଲାଇ ଦେଖାଇଥିଲେ । ନାରୀ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ନିଖୁଣ ଭାବେ ଅଙ୍କନ କରାଯାଇଥିବା ଚିତ୍ର ଓ ଚରିତ୍ରଗୁଡ଼ିକ ଚମତ୍କାର ହୋଇଛି ବୋଲି ମୁଖ୍ୟ ବିଚାରପତି ପ୍ରକାଶ କରିଛନ୍ତି । ମହିଳା ଦିବସ ଅବସରରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟତଃ ନାରୀମାନଙ୍କ ଦୈନନ୍ଦିନ ଜୀବନ ଏବଂ ବିଭିନ୍ନ ଦେବୀଙ୍କ ଉପରେ ଆଧାରିତ ଚିତ୍ରକଳାଗୁଡ଼ିକ ବେଶ୍ ପ୍ରଶଂସନୀୟ ହୋଇଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି ।

## ଭାରତ ରତ୍ନ ଗୋବିନ୍ଦ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଯୁକ୍ତ ପ୍ରଦେଶ (ଉତର ପ୍ରଦେଶ)ରେ ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା। ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା। ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ। ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ।

ମୁସ୍‌ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା। ୧୯୪୬ ମସିହାରେ ମୁସ୍‌ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା। କେବଳ କଲିକତାରେ ଦଶ ହଜାର ଲୋକ ମଲେ। ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧହୋଇ ଦେଶ ବିଭାଜନ ସିଦ୍ଧା'କୁ ମାନିନେଲା। ଭାରତ ସ୍ୱାଧୀନ ହେଲା। ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଁଉମାନେ ଥିଲେ ସେମାନଙ୍କୁ ମଧ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ। ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ ଉତର ପ୍ରଦେଶ ଦେଇଥିଲେ। ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣ ସବୁ ଧର୍ମକୁ ଭଲ ପାଉଥିବା ମଣିଷ। ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ଉପାଧି ପ୍ରଦାନ କରାଯାଇଥିଲା।

୧୯୬୧ ମସିହା ମାର୍ଚ୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ। ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଧ ହୋଇ ରହିବ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନରେ ବିଶ୍ୱ ମହିଳା ଦିବସ

ଜଳେଶ୍ୱର, ୦୮/୦୩ (ନି.ପ୍ର): ଜଳେଶ୍ୱରସ୍ଥିତ ଜଗନ୍ନାଥ ଡିଗ୍ରୀ ମହିଳା ମହାବିଦ୍ୟାଳୟର ରାଜନିତୀ ବିଜ୍ଞାନ ବିଭାଗ ପକ୍ଷରୁ ଆଜି ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ରାଳୟର ଅଧ୍ୟକ୍ଷା ଜ୍ୟୋସ୍ନା ଘୋଷ ଅଧ୍ୟକ୍ଷତା କରି ମହିଳା ଦିବସର ତତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। ମୁଖ୍ୟବକ୍ତାଭାବେ ଆଇଆଇସି ରୋଜାଲିନ୍ ବେହେରା ଯୋଗ ଦେଇ ଲିଙ୍ଗଗତ ପ୍ରଭେଦ ଓ ଯୌନନିର୍ଯ୍ୟତନା ସଂପର୍କରେ ସଚେତନ କରାଇ ମହିଳାମାନେ ଜାଗ୍ରତ ହେବାକୁ ପରାମର୍ଶ ଦେଇଥିଲେ। ଏସ୍.ଆଇ ପ୍ରିୟଦର୍ଶନୀ ଖଟୁଆ ଓ ଏସ୍.ଆଇ ମଧୁସ୍ମିତା ସିଂ ଉପସ୍ଥିତ ହୋଇ ନାରୀ ଜାତିର ଅପମାନ ସକଳ ସୃଷ୍ଟିର ଅପମାନ ବୋଲି ଅବିହିତ କରିଥିଲେ। ବିଭାଗୀୟ ସହକାରୀ ଅଧ୍ୟାପକ ରଣଜିତ୍ ବେହେରା ମଂଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରବଣ କୁମାର ନାଥ ଯୋଗ ଦେଇ ମଣିଷ ଜାତିକୁ ନାରୀ କିପରି ସୃଷ୍ଟି, ସଂହାର ଓ ଲାଳନପାଳନ କରିଥାଏ ବୋଲି ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଉଷାରାଣୀ ଦାସ, ସରୋଜ କୁମାର ମହାନ୍ତି, ନିଷ୍କଳ ଘଡେଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ଛାତ୍ରୀ ଅନ୍ନପୂର୍ଣ୍ଣା ଜେନା, ଫାଗୁ ଟୁଡୁ, ରୁକସାନା ଖାତୁନ, ଇତିଶ୍ରୀ ସାହୁ, ସ୍ମୃତିରେଖା ଧଳ ଆଦି ସହାୟତା କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଅଶୋକ କୁମାର ରଥ ପ୍ରାରମ୍ଭରେ ବେଦ ଉଚ୍ଚାରଣ କରିଥିବା ବେଳେ ସୁନେହେରା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ବ୍ଲକ : ଅଧକ୍ଷ ପଦ ହାତେଇବା ପାଇଁ ଚାଲିଛି ଘୋଡ଼ା ବେପାର

ନୀଳଗିରି, ୦୮/୦୩ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିବାବେଳେ ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ହେବାକୁ ଯାଉଛି ବ୍ଲକ ଅଧକ୍ଷ ନିର୍ବାଚନ। ଏଥିପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ମଧରେ ଏବେ ଠାରୁ ଅଙ୍କ କଷା ଚାଲିଥିବା ବେଳେ ଅଧକ୍ଷ ପଦ ଆପଣାଇବା ପାଇଁ ଉଭୟ ଦଳ ମଧରେ ଘୋଡ଼ା ବେପାର ଆରମ୍ଭ ହୋଇଥିବାର ଚର୍ଚ୍ଚା ଚାଲିଛି। ନୀଳଗିରି ବ୍ଲକର ୨୫ଟି ପଂଚାୟତ ରହିଥିବା ବେଳେ ଚଳିତ ପଂଚାୟତ ନିର୍ବାଚନରେ ଶାସକ ବିଜେଡି ଦଳ ସମର୍ଥନରେ ୧୩ଟି ସମିତିସଭ୍ୟ ବିଜୟୀ ହୋଇଥିବା ବେଳେ ବିରୋଧି ବିଜେପି ଦଳ ସମର୍ଥନରେ ୧୧ଜଣ ସମିତିସଭ୍ୟ ବିଜୟ ଲାଭ କରିଛନ୍ତି। ଗୋଟିଏ ସମିତିସଭ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ହୋଇଛି। ଶାସକ ବିଜେଡି ଦଳ ପାଖରେ ଅଧକ୍ଷ ପଦ ପାଇଁ ସଂଖ୍ୟା ଗରିଷ୍ଠତା ରହିଥିବା ବେଳେ ବିରୋଧି ନିକଟରେ ୧୧ଜଣ ସମିତି ସଭ୍ୟ ରହିଥିବା ବେଳେ ସ୍ୱାଧୀନ ସମିତିସଭ୍ୟ ଜଣକ ବିଜେପିକୁ ସମର୍ଥନ କରୁଥିବାର ଚର୍ଚ୍ଚା ଲାଗିଥିବା ବେଳେ ୧୨ଟି ସମିତି ସଭ୍ୟଙ୍କୁ ବିଜେପି ରଣାଙ୍ଗନରେ ଛିଡ଼ା ହୋଇଛି। ଉଭୟ ଦଳ ନିଜ ନିଜର ସମିତିସଭ୍ୟ ମଧରୁ ୨ଟାକୁ ଖସାଇବା ପାଇଁ ଘୋଡ଼ା ବେପାର ଲଗେଇ ଦେଇଛି। ଏପଟେ ସଂଖ୍ୟା ଗରିଷ୍ଠତା ଥାଇ ବିଜେଡି ବିଜେପିର ସମିତିସଭ୍ୟ ଆପଣାଇବା ପାଇଁ ଜୋରଦାର ପ୍ରୟାସ ଲଗାଇଛି। ଘୋଡ଼ା ବେପାର ଦୌଡ଼ରେ ଅର୍ଥ, ପଦବୀର ଲାଳସା ଦେଖାଉଥିବାର ଶୁଣିବାକୁ ମିଳିଛି। ଅଧକ୍ଷ ପଦବୀ ପାଇଁ ଉଭୟ ଦଳ ନାମ ଘୋଷଣ କରୁ ନ ଥିବା ବେଳେ କ୍ରସ ଭୋଟିଂ କୁ ନେଇ ବିଜେଡି ଚିନ୍ତାରେ ପଡ଼ିଥିବାର ଶୁଣିବାକୁ ମିଳୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରୁଷର ତେଲ ଓ ଗ୍ୟାସ ....

ଲୋକମାନେ ଭଲ ଭାବେ ବୁଝିଛନ୍ତି। ଏହା ସତ୍ତ୍ୱେ ମଧ ସେମାନେ ରୁଷ ଉପରେ କଟକଣା ଲଗାଇବା ଉଚିତ ବୋଲି କହିଥିଲେ। ତେଣୁ ଆମେରିକାକୁ ରୁଷରୁ ଆମଦାନୀ ହେଉଥିବା ତେଲ, ଗ୍ୟାସ ଓ କୋଇଲା ଉପରେ ରୋକ ଲଗାଯାଉଥିବା ସେ କହିଛନ୍ତି। ଏଥିସହ ସେ ରୁଷର ମୁକାବିଲା କରୁଥିବା ୟୁକ୍ରେନ ସେନା ଓ ଲୋକଙ୍କ ସାହାସକୁ ପ୍ରଶଂସା କରିଛନ୍ତି। ଆମେରିକା ସବୁବେଳେ ୟୁକ୍ରେନ ସହ ରହିଛି ଓ ଆଗକୁ ସମସ୍ତ ପ୍ରକାରର ସାମରିକ ସହାୟତା ଯୋଗାଇ ଦେବ ବୋଲି ମଧ ବାଇଡେନ କହିଛନ୍ତି। ସୂଚନାଯୋଗ୍ୟ, ଯଦି ଆମେରିକା ପରେ ସବୁ ପଶ୍ଚିମ ଦେଶଗୁଡ଼ିକ ରୁଷର ତୈଳ ସପ୍ଲାଏ ଚେନ ଉପରେ ବ୍ୟାନ ଲଗାଇ ଦେବେ, ତା'ହେଲେ ମସ୍କୋ ବଡ଼ଧରଣର ଆର୍ଥିକ କ୍ଷତିର ସମ୍ମୁଖୀନ ହେବ। ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଆବଶ୍ୟକର ଅଧିକାଂଶ ଭାଗ ତେଲ ରୁଷରୁ ଆମଦାନୀ କରନ୍ତି। ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ତେଲ ଉତ୍ପାଦନକାରୀ ଦେଶ। ରୁଷରେ ପ୍ରତିଦିନ ପ୍ରାୟ ୧୧ ମିଲିୟନ ବ୍ୟାରେଲ ତୈଳ ଉତ୍ପାଦନ ହୋଇଥାଏ। ଏହାର ଅଧା ଭାଗ ରପ୍ତାନୀ କରାଯାଏ। ୟୁରୋପୀୟ ଦେଶଗୁଡ଼ିକ ରୁଷ ଠାରୁ ପ୍ରତିଦିନ ୨.୫ରୁ ୩ ମିଲିୟନ ବ୍ୟାରେଲ ତୈଳ ଆମଦାନୀ କରନ୍ତି। ତେଲ ବ୍ୟତୀତ ରୁଷ ୟୁରୋପୀୟ ଦେଶଗୁଡ଼ିକୁ ପ୍ରାୟ ୪୦% ଗ୍ୟାସ ସପ୍ଲାଏ କରିଥାଏ। ତେଣୁ ଏନର୍ଜି ସପ୍ଲାଏ ଉପରେ ରୋକ ଲଗାଇ ରୁଷକୁ ପଶ୍ଚିମ ଦେଶଗୁଡ଼ିକ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଚାହୁଁଛନ୍ତି।

### ଯୁଦ୍ଧତ୍ରସ୍ତ ୟୁକ୍ରେନରୁ ଏକାକୀ....

ଯାତ୍ରା କରି ସୀମାନ୍ତରେ ପହଞ୍ଚିଛନ୍ତି। ସୀମାନ୍ତକୁ ଆସିବା ବେଳେ ସେ ନିଜ ସହ ମା'ଙ୍କ ସ୍ମୃତି ଭାବେ ଗୋଟିଏ ହାତ ଲେଖା ଚିଠି ନିଜ ସହ ଆଣିଛନ୍ତି। ୟୁକ୍ରେନର ଦକ୍ଷିଣ-ପୂର୍ବ ପ୍ରାନ୍ତରେ ଥିବା ଜାପୋରଜିୟାରୁ ପିଲାଟି ଦୀର୍ଘ ୧୪ କିମି ଯାତ୍ରା କରି ସୀମାନ୍ତ ଦେଶ ସ୍ଲୋଭାକିଆରେ ପହଞ୍ଚିଛନ୍ତି। ୟୁକ୍ରେନର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି ଯେ କାହାର ସହାୟତା ନ ନେଇ ପିଲାଟି ଏକାକୀ ସ୍ଲୋଭାକିଆରେ ପହଞ୍ଚିଥିଲେ। ଏବେ ସେ ସଂପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ସେ ନିଜର ହସ, ସାହାସିକତା ଓ ପ୍ରତିବଦ୍ଧତା ବଳରେ ସମସ୍ତଙ୍କ ହୃଦୟ ଜିତି ନେଇଛନ୍ତି। ସେ ଜଣେ ପ୍ରକୃତ ହିରୋ। ରୁଷ ସହ ଲଢ଼େଇ କରିବା ପାଇଁ ପିଲାଟିର ବାପା ମା' ୟୁକ୍ରେନରେ ରହିବାକୁ ଚାହିଁଥିଲେ। ତେଣୁ ତାଙ୍କୁ ସେମାନେ ଅନ୍ୟତ୍ର ଚାଲି ଯିବାକୁ କହିଥିଲେ। ପିଲାଟି ମଧ ବାପା ମା'ଙ୍କୁ ଭୁଲି ଏକାକୀ ସ୍ଲୋଭାକିଆରେ ଯାଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି। ସ୍ଲୋଭାକିଆ ମନ୍ତ୍ରଣାଳୟ ମଧ ପିଲାଟି ସୁରକ୍ଷିତ ଭାବେ ଆସିଥିବା କଥା କହିଛି। ଏଥିସହ ପିଲାଟିର କିଛି ଫୋଟ ମଧ ସ୍ଲୋଭାକିଆ ସରକାର ପୋଷ୍ଟ କରିଛନ୍ତି। ସ୍ଲୋଭାକିଆ ପକ୍ଷରୁ କୁହାଯାଇଛି ଯେ ପିଲାଟି ଗୋଟିଏ ପ୍ଲାଷ୍ଟିକ ବ୍ୟାଗ, ନିଜର ପାସପୋର୍ଟ ଓ ହାତର କିଛି ଫୋନ ନମ୍ବର ଲେଖି ଏଠାକୁ ଆସିଛନ୍ତି। ସ୍ୱେଚ୍ଛାସେବୀମାନେ ପିଲାଟିକୁ ସୁରକ୍ଷିତ ସ୍ଥାନକୁ ନେବା ସହ ଖାଦ୍ୟ ଓ ପିଇବା ପାଇଁ ପାଣି ଦେଇଥିଲେ। ମା'ଙ୍କ ଚିଠି ଓ ହାତରେ ଲେଖାଥିବା ଫୋନ ନମ୍ବର ଯୋଗୁ ସ୍ଲୋଭାକିଆରେ ରହୁଥିବା ପିଲାଟିର ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହାପରେ ସେମାନେ ତା'କୁ ନିଜ ସହ ନେଇ ଯାଇଛନ୍ତି। ସୂଚନାଯୋଗ୍ୟ, ୟୁକ୍ରେନରେ ଭୀଷଣ ଯୁଦ୍ଧ ପରିସ୍ଥିତି ଦେଖାଯାଇଥିବାରୁ ଲକ୍ଷାଧିକ ଲୋକ ଦେଶ ଛାଡ଼ି ଶରଣାର୍ଥୀ ଭାବେ ପଡ଼ୋଶୀ ଦେଶକୁ ଯିବାରେ ଲାଗିଛନ୍ତି। ଇତି ମଧରେ ପ୍ରାୟ ୧୭ ଲକ୍ଷ ଲୋକ ୟୁକ୍ରେନରୁ ବିଭିନ୍ନ ଦେଶକୁ ଚାଲି ଯାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି।

### ୟୁକ୍ରେନର ଦ୍ୱିତୀୟ ଆଣବିକ....

ସମୟ । ଯୁଦ୍ଧ କେବେ ସରିବ କିଛି ଜଣାପଡୁନଥିବା ବେଳେ ୫ ସହର ପାଇଁ ଅସ୍ତ୍ରବିରତି ଘୋଷଣା କରିଛି ରୁଷ୍ । କିଭ୍, ଖାରକିଭ୍, ମାରିୟିପୋଲ, ସୁମି ଓ ଚେର୍ନିହିଭ୍ ସହର ପାଇଁ ଅସ୍ତ୍ରବିରତି ଘୋଷଣା ହୋଇଛି । ଏହି ସମୟରେ ଲୋକଙ୍କୁ ଖାଲି କରିବାକୁ ସ୍ୱତନ୍ତ୍ର କରିଡର ବା ହ୍ୟୁମାନିଟାରିଆନ କରିଡର ପ୍ରସ୍ତୁତ ହୋଇଛି । ଫଳରେ ବିଦେଶୀ ନାଗରିକଙ୍କୁ ଯୁଦ୍ଧକ୍ଷେତ୍ରରୁ ଉଦ୍ଧାର ପାଇଁ ସମୟ ମିଳିବ । ଆଣବିକ ଗବେଷଣା କେନ୍ଦ୍ର ଉପରେ ଆକ୍ରମଣ । ସତର୍କ କଲା ଆଣବିକ ଶକ୍ତି ସଂସ୍ଥା । ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା, ଆଇଏଇଏ ପକ୍ଷରୁ କୁହାଯାଇଛି ଯେ, ଖାରକିଭ୍ ସହରରେ ଥିବା ଆଣବିକ ଗବେଷଣା କେନ୍ଦ୍ର ଆକ୍ରମଣ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଏଠାରୁ ଆଣବିକ ବିକିରଣର ଭୟ ବଢ଼ିଛି । ହେଲେ ଏବେ ସେଠାରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି ଆଣବିକ ସଂସ୍ଥାର ଅଧିକାରୀ । ପୁଣି ସହାୟତା ପାଇଁ ଅପିଲ କଲେ ଜେଲେନସ୍କି । ରୁଷକୁ ଅଟକାଇବାକୁ ଏକାଠି ହେଉ ଅନ୍ତର୍ଜାତୀୟ ସମୁଦାୟ । ଯୁଦ୍ଧ ଜାରି ରହିଥିବା ବେଳେ ପୁଣି ଥରେ ସହାୟତା ପାଇଁ ଅପିଲ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି । ଅନ୍ତର୍ଜାତୀୟ ସମୁଦାୟ ଏକାଠି ହୋଇ ରୁଷକୁ ଅଟକାଇବାକୁ ଆଗେଇ ଆସିବାକୁ ସେ କହିଛନ୍ତି । ନିଜର ଏକ ଭିଡିଓରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନବାସୀ ନିଜ ଦେଶ ପାଇଁ ନିଜ ଅଧିକାର ପାଇଁ ଏବେ ଏକାକୀ ଲଢ଼େଇ ଜାରି ରଖିଛନ୍ତି । ହେଲେ ସାରା ବିଶ୍ୱ ଖାଲି ନୀରବଦ୍ରଷ୍ଟା ନସାଜି ସହାୟତା ପାଇଁ ଆଗେଇ ଆସିବା ଦରକାର ।

### ୩୦୦ ଡଲାର ଛୁଇଁବ ଅଶୋଧିତ ....

ପଶ୍ଚିମ ଦେଶର ଏପରି ପଦକ୍ଷେପ ପରେ ବିଶ୍ୱ ବଜାରରେ ତେଲର ଦାମ ଆକାଶକୁ ଛୁଆଁ ହେବ। ଏପରି କି ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୩୦୦ ଡଲାରରେ ମଧ ପହଞ୍ଚିଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ରୁଷର ତେଲ ରିହାତିରେ ଉପଲବ୍ଧ ହେଉଛି। କିନ୍ତୁ ଭୟରେ କୌଣସି ଦେଶ ଏହାକୁ କିଣିବାକୁ ଚାହୁଁନାହାନ୍ତି। କାଳେ ରୁଷ ଠାରୁ ତେଲ କିଣିଲେ ପଶ୍ଚିମ ଦେଶଗୁଡ଼ିକ ସେମାନଙ୍କୁ ମସ୍କୋର ସମର୍ଥକ କହିବେ ବୋଲି ଅନେକ ରାଷ୍ଟ୍ର ଭାବୁଛନ୍ତି। ଯଦି ପଶ୍ଚିମ ଦେଶଗୁଡ଼ିକ ରୁଷର ତୈଳ ସପ୍ଲାଏ ଚେନ ଉପରେ ବ୍ୟାନ ଲଗାଇ ଦେବେ, ତା'ହେଲେ ମସ୍କୋ ବଡ଼ଧରଣର ଆର୍ଥିକ କ୍ଷତିର ସମ୍ମୁଖୀନ ହେବ। ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଆବଶ୍ୟକର ଅଧିକାଂଶ ଭାଗ ତେଲ ରୁଷରୁ ଆମଦାନୀ କରନ୍ତି। ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ତେଲ ଉତ୍ପାଦନକାରୀ ଦେଶ। ରୁଷରେ ପ୍ରତିଦିନ ପ୍ରାୟ ୧୧ ମିଲିୟନ ବ୍ୟାରେଲ ତୈଳ ଉତ୍ପାଦନ ହୋଇଥାଏ। ଏହାର ଅଧା ଭାଗ ରପ୍ତାନୀ କରାଯାଏ। ୟୁରୋପୀୟ ଦେଶଗୁଡ଼ିକ ରୁଷ ଠାରୁ ପ୍ରତିଦିନ ୨.୫ରୁ ୩ ମିଲିୟନ ବ୍ୟାରେଲ ତୈଳ ଆମଦାନୀ କରନ୍ତି। ତେଲ ବ୍ୟତୀତ ରୁଷ ୟୁରୋପୀୟ ଦେଶଗୁଡ଼ିକୁ ପ୍ରାୟ ୪୦% ଗ୍ୟାସ ସପ୍ଲାଏ କରିଥାଏ। ତେଣୁ ଏନର୍ଜି ସପ୍ଲାଏ ଉପରେ ରୋକ ଲଗାଇ ରୁଷକୁ ପଶ୍ଚିମ ଦେଶଗୁଡ଼ିକ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଚାହୁଁଛନ୍ତି।

### ମହିଳା ଦିବସରେ ଜାତୀୟ ନାରୀ....

ତାଙ୍କୁ ଚାକିରୀରେ ଯୋଗଦେବା ପାଇଁ ସରକାର ମନା କରିଥିଲେ । ତେବେ ଶୃତି ଏଥିରେ ଭାଙ୍ଗି ନପଡି ଖୁବ ସକାରତ୍ମକ ସହ ଜୀବନକୁ ଏକ ନୂଆ ଦିଗ ଦେଇଥିଲେ । ସେ ୧୯୮୭ରୁ ୧୯୯୬ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କଦ୍ୱାରା ଆୟୋଜିତ କର୍ଯ୍ୟକ୍ରମରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଯେଉଁଥିରେ ପ୍ରାୟ ୩୦୦ ଜଣ ବିଦ୍ୟାର୍ଥୀ ସଫଳ ହେବା ସହ ବିଭିନ୍ନ ସରକାରୀ ସଂସ୍ଥା ଓ ଅନୁଷ୍ଠାନରେ ନିଜର ଚାକିରୀ ଜୀବନ ଆରମ୍ଭ କରିଛନ୍ତି ।

## ମାର୍ଚ୍ଚ ୧୦ରେ ଭଦ୍ରକ ଜିଲ୍ଲାକୁ ରାଜ୍ୟପାଳଙ୍କ ଗ୍ରସ୍ତ

ଭଦ୍ରକ, ୦୮/୦୩ (ନି.ପ୍ର): ଆଗାମୀ ୧୦ ତାରିଖ ଗୁରୁବାର ଦିନ ଭଦ୍ରକ ଜିଲ୍ଲାକୁ ସମ୍ମାନନୀୟ ରାଜ୍ୟପାଳ ପ୍ରୋଫେସର ଗଣେଶୀ ଲାଲଙ୍କ ଗ୍ରସ୍ତ କାର୍ଯ୍ୟକ୍ରମ ନେଇ ରାଜଭବନରୁ ଜିଲ୍ଲା ପ୍ରଶାସନକୁ କାର୍ଯ୍ୟସୂଚୀ ପ୍ରାପ୍ତ ହୋଇଛି । ଏହି ଗ୍ରସ୍ତରେ ସେ ୧୨ଘ.୩୦ମିରେ ବାସୁଦେବପୁର ଏଡ଼ତାଳରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପାଓନକ୍ଷେତ୍ରରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରି ଶ୍ରୀଜଗନ୍ନାଥ ମହୋତ୍ସବ ଓ ସଂକୀର୍ତ୍ତନ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବେ । ମନ୍ଦିର ବେଢ଼ା ପରିସରରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଅପରାହ୍ନରେ ତିହିଡ଼ିର ତାଳପଦା ଠାରେ ଥିବା କାନ୍ତକବି ସମାଧିପୀଠରେ ପହଞ୍ଚି ୪ଘ.୫ମିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ଅପରାହ୍ନ ଘ୪.୩୦ମିରେ ଦୋଳସାହି ଆର୍.ଏନ୍.ହାଇସ୍କୁଲର ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେବେ ।

## ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକଙ୍କ ଦୁଇ ଦିନିଆ ମାର୍ଗଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୮/୦୩ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଶିକ୍ଷକ ଶିକ୍ଷା ଓ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ତରଫରୁ ନବନିଯୁକ୍ତ ଗ୍ରନ୍ଥାଗାରିକମାନଙ୍କୁ ୭ ଓ ୮ ତାରିଖ ଦୁଇଦିନ ଧରି ମାର୍ଗଦର୍ଶନ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ, ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଣମଣି ବିଶ୍ୱାଳ ପ୍ରମୁଖ ସେମାନଙ୍କୁ ପାଠାଗାର ପରିଚାଳନା ଓ ସେବା ବିଷୟରେ ମାର୍ଗଦର୍ଶନ କରିଥିଲେ।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଲଙ୍ଗଳେଶ୍ୱର, ୦୮/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ହାଟ ପ୍ରାଙ୍ଗଣ ରେ ବାଲେଶ୍ୱର ଜନନୀ ଟ୍ରଷ୍ଟ ପକ୍ଷରୁ ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟ ର ଜିଲ୍ଲା ଅଧକ୍ଷା ଜ୍ୟୋତ୍ସ୍ନା ମହାନ୍ତିଙ୍କ ପୌରହିତ୍ୟେ ରେ ଅନୁଷ୍ଠିତ ଏଇ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜ ସେବୀକା, ତଥା ନାରୀ ଜାଗରଣ ର ସଭାପତି ଯୋଗଦେଇ ସମାଜ ସଂସ୍କାର ଦିଗରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବାଲିଆପାଳ ଥାନା ସବଇନିସ୍ପେକ୍ଟର ସସ୍ମିତା ମଲ୍ଲିକ,ଯୋଗ ଦେଇ ସବୁ ମହିଳା ମାନେ ନିଜ ପରିବାରକୁ ଶୃଙ୍ଖଳିତ ରଖିଲେ ସମାଜ ଶୃଙ୍ଖଳିତ ହେବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ,ଯୋଗଗୁରୁ ମଧୁସୂଦନ ମହାପାତ୍ର,ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ।ଟ୍ରଷ୍ଟ ର ବ୍ଲକ ସଭାପତି ସ୍ନେହଲତା ବେହେରା ସ୍ୱାଗତଭାଷଣ ଦେଇଥିବା ବେଳେ,ସମ୍ପାଦିକା ସବିତା ବେହେରା ଅତିଥି ପରିଚୟ ଦେଇଥିଲେ,ଉପସଭାପତି ମିନତୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁଭଦ୍ରା ରାୟ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୁଭଶ୍ରୀ ଘଡେଇ ଏବଂ ଅନ୍ୟମାନେ ନୃତ୍ୟ ପରିବେଷଣ କରିଥିଲେ।ଲକ୍ଷ୍ମୀ ବେହେରା, ମଞ୍ଜୁଲତା ପାଢ଼ୀ, କଞ୍ଚନ ମନ୍ତ୍ରୀ,ସବିତା, ଘଡେଇ, ମିନତୀ ବିଶ୍ୱାଳ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ

## ୨ଟି ୪ଚକିଆ ଯାନ, ବାଇକ୍ ଓ ୬୮୦ ଲିଟର ଦେଶୀ ମଦ ସହିତ ୮୦ କେଜି ଗଂଜେଇ ଜବତ୍ : ୪ ଗିରଫ

ଜଳେଶ୍ୱର, ୦୮/୩ (ନି.ପ୍ର) : ନିଶା କାରବାରରେ ହବ୍ ପାଲଟିଥିବା ଜଳେଶ୍ୱର ଅଂଚଳରୁ ଆଜି ୨ଟି ୪ଚକିଆ ଯାନ, ଗୋଟିଏ ବାଇକ୍ ସହିତ ୬୮୦ ଲିଟର ଦେଶୀ ମଦ ସହିତ ୮୦ କେଜି ଗଂଜେଇ ଜବତ୍ କରାଯାଇଛି । ସୋମବାର ବିଳମ୍ବିତ ରାତିରେ ୬୦ନଂ ଜାତୀୟ ରାଜପଥର ଆମ୍ବଳିଅଠା ବାଇପାସ୍‌ଠାରେ ଅବକାରୀ କମିସନର ଆଶିଷ କୁମାର ସିଂ, ଅବକାରୀ ଡେପୁଟି କମିସନର ରାମଚନ୍ଦ୍ର ପାଲଟାଙ୍କ ନିର୍ଦ୍ଦେଶରେ ଅଶୋକ ଶତପଥି , ଅବକାରୀ ଗୁପ୍ତଚର ବିଭାଗ, କଟକ ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରବିର କୁମାର ସାମଲ, ଆଇଆଇସି ଅବକାରୀ ସତ୍ୟଜିତ ଖଟୁଆ, ଓଆଇସି ଦେବେନ୍ଦ୍ର କୁମାର ବେହେରାଙ୍କ ମିଳିତ ଚଢାଉ କରିଥିଲେ । ଏହି ୨ଟି ଯାନର ଡ୍ରାଇଭର ଫେରାର ହୋଇଥିବା ବେଳେ ଏଥିରେ ସଂପୃକ୍ତ ୪ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଜବତ୍ ଗଂଜେଇର ମୂଲ୍ୟ ୮ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି । ଗିରଫ ବ୍ୟବସାୟୀଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଏହି ରାଜପଥର ଲକ୍ଷ୍ମଣନାଥ ଦେଇକୋଟି କୋଟି ଟଙ୍କାର ମାଦକଦ୍ରବ୍ୟ ମାଲକାନା ଗିରି, କେଉଁଝର, ଅନୁଗୋଳ ଅଂଚଳରୁ ଅଣାଯାଇ ସ୍ଥାନୀୟ କେତେକ ଏଜେଣ୍ଟ ମାଧ୍ୟମରେ ସୁରକ୍ଷା ଦେଇ ପଶ୍ଚିମବଂଗକୁ ଚାଲାଣ କରାଯାଉଥିବା ଜଣାଯାଇଛି ।

## ବିଶ୍ୱ ସମର୍ପଣ ସଂଗଠନ ଓଡ଼ିଶା ତରଫରୁ ମହିଳା ଦିବସ ପାଳିତ



ବାଲେଶ୍ୱର, ୦୮/୦୩ (ନି.ପ୍ର): ବିଶ୍ୱ ସମର୍ପଣ ସଂଗଠନ ଓଡ଼ିଶା ତରଫରୁ ମହିଳା ଦିବସ ପାଳିତ ହୋଇଅଛି । ସଭାପତି ବସନ୍ତ କୁମାର ଭୋଇ ତାଙ୍କ ବକ୍ତବ୍ୟରେ ମହିଳା ମାନଙ୍କୁ ସଚେତନ କରାଇଥିଲେ । ମହିଳାମାନେ କୌଣସି କ୍ଷେତ୍ରରେ କମ୍ ନୁହଁନ୍ତି, ଯେକୌଣସି ସମସ୍ୟା ହେଲେ ମହିଳାମାନେ ଏକଜୁଟ ହୋଇ ତାର ପ୍ରତିକାର କରି ପାରିବେ, ସେ ଯେକୌଣସି କ୍ଷେତ୍ରରେ ଡରି ନଯାଇ ସାହସର ସହିତ ମୁକାବିଲା କରି ଅଗ୍ରସର ହେଲେ ସମାଜର ଉନ୍ନତି ହେବ ବୋଲି ଭାଷଣରେ ମହିଥିଲେ । ଅନ୍ୟମାନଙ୍କ ମଧରେ ଡ. ମୀରା ଲେଙ୍କା, ରମୁରଂଜନ ଦାସ, ଜୀବନ କୁମାର ବାରିକ୍, ଜ୍ୟୋର୍ତିମୟୀ ଦାସ, ଜ୍ୟୋତିମୟୀ ପାଣିଗ୍ରାହୀ, ପ୍ରତିମା ପାଢ଼ୀ, କୁଂଜମଣୀ ସ୍ୱାଇଁ ଉପସ୍ଥିତ ରହି ନାରୀ ମାନଙ୍କୁ ସଚେତନ କରିଥିଲେ । ଶେଷରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଜ୍ୟୋର୍ତିମୟୀ ଦାସ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଶେଷରେ ଜୀବନ କୁମାର ବାରିକ ଧନ୍ୟବାଦ ଦେଇଥିଲେ ।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବାଲେଶ୍ୱର, ୦୮/୦୩ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ସଂଗଠନ ଓ ଉତ୍ କଳା କଲ୍‌ଚୁରାଲ ଅନୁଷ୍ଠାନ ତରଫରୁ ଆନ୍ତର୍ଜତୀୟ ମହିଳା ଦିବସ ସ୍ଥାନୀୟ ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜ ବାଲେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ପ୍ରତୀକ୍ଷା ବିକଳାଙ୍ଗ କେନ୍ଦ୍ରର ସଭାପତି ରୁବୀ ଚୁଙ୍ଗ ଚୁଙ୍ଗ ଯୋଗ ଦେଇ ନାରୀ ମାନଙ୍କ ଭୂମିକା ବିଷୟରେ ଆଲୋକ ପାତ କରିଥିଲେ, ଅନ୍ୟତମ ଅତିଥି ଭାବେ ରିଲାନ୍ସର ମ୍ୟାନେଜର ବିଶ୍ୱଭୂଷଣ ପଣ୍ଡା କହଥିଲେ ଯେ ମହିଳା ମାନଙ୍କର ରୋଜଗାର ଓ ଆତ୍ମରକ୍ଷା ନିଜେ କରିପାରନ୍ତି । ଅତିଥି ଭାବେ ଯୁବ କଂଗ୍ରେସ ନେତା ପପୁ ଲେଙ୍କା ଆଜିକା ଦିନରେ ମହିଳା କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ବିଷୟରେ ନିଜ ମତ ରଖି ଥିଲେ. ଅନ୍ୟତମ ଆକର୍ଷଣ ଅତିଥି ନେହେରୁ ଯୁବ କେନ୍ଦ୍ର ସଂଗଠନ ଯୁବ ସଂଯୋଜୋଗୋ ରମେଶ ଆର୍ କପୂର୍ ତାଙ୍କ ବକ୍ତବ୍ୟ ରେ କୋହିଥିଲେ ଯେ ବିକାଶ କ୍ଷେତ୍ର ରେ ନାରୀ ମାନଙ୍କ ଭୂମିକା ହେଉଛି ଅନନ୍ୟ ଉଦାହରଣ, ଅନ୍ୟତମ ଅତିଥି ଭାବେ ଆର୍ଟ କଲେଜରେ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ନିଜ ମତ ରଖି ଥିଲେ ନାରୀ ସବୁ ଜାଗାରେ ଜଗତ ଜିତା ହୋଇ ପାରିଛି ଏହାର ଅନେକ ଉଦାହରଣ ସେ ଦେଇଥିଲେ, ଅନନ୍ୟା କରନା ଯୋଦ୍ଧା ଭାବେ ଫକୀର ମୋହନ ମେଡିକାଲ କଲେଜର ରେଡ଼ିଓ ଗ୍ରଫାର ରଞ୍ଜିତା ବେହେରାଙ୍କୁ ସେବା ସମ୍ମାନ ରେ ସମ୍ମାନିତ କରାଯାଇଥିଲା, ଏହି ଅବସରରେ ଏକ ଚିତ୍ର କଳା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରୋତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ପରିସଶେସରେ ଉତ୍ କଳା କଲ୍ଚରାଲ ଅନୁଷ୍ଠାନ ଅଧକ୍ଷ ବିକ୍ରମ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଥିଲେ, ଏଥିରେ ଉତ୍ କଳା କଲ୍ଚରାଲ ର ବିଶ୍ୱଜିତ୍ ନାୟକ, ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ, ନେହେରୁ ଯୁବ ସ୍ୱେଚ୍ଛାସେବୀ ସମିତା ଦାସ ଓ ଆର୍ଟ କଲେଜରେ ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

## ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ପ୍ରଥମ ମ୍ୟାଚରେ ଉତ୍କଳ ଓ ଦ୍ୱିତୀୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୟୀ



ବାରିପଦା, ୦୮/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ଯାଇଛି । ମୋଟ ୧୫ଟି ବିଶ୍ୱବିଦ୍ୟାଳୟକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୨୦-୨୦ ଫୋରମାଟରେ ପ୍ରତ୍ୟେକ ଦିନ ୨ଟି ମ୍ୟାଚ ଖେଳାଯିବ । ଆଜି ପ୍ରଥମ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ୧୦ ଉଇକେଟରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ମହାରାଜା ଶ୍ରୀ ରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ସଞ୍ଜୟ କୁମାର ବେହେରା ସର୍ବାଧିକ ୨୩ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ସାଇ ପ୍ରସାଦ ଆଚାର୍ଯ୍ୟ ୩ଟି ଓ ଦିଗବିଜୟ ପାତ୍ର ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୦.୨ ଓଭରରେ କୌଣସି ଉଇକେଟ ନହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ମାନସ ରଞ୍ଜନ ନାୟକ ୩୫ ଓ ସମ୍ବିତ କୁମାର ସାହୁ ୩୯ ରନ ସଂଗ୍ରହ କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ଜିଏମ ସମ୍ବଲପୁର କିଟ ଭୁବନେଶ୍ୱରକୁ ୪ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରିଥିଲେ ଓ ଦଳ ପକ୍ଷରୁ ଅନିଶ ଦାସ ୨୯ ଓ ଶୁଭମ କୁମାର ୨୩ ରନ କରିଥିବାବେଳେ ବିପକ୍ଷ ଦଳର ଶଶିକାନ୍ତ ବେହେରା ୪ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ କିଟ ୨୦ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରିଥିଲେ ଓ ଅନିଶ ରାଉତ ୪୩ ରନ କରିଥିବା ବେଳେ ବିପକ୍ଷ ଦଳର ପୂର୍ଣ୍ଣଚନ୍ଦ୍ର ବଗର୍ତି ଓ ଆକାଶ ଠାକୁର ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଦିଲ୍ଲୀପ ଦାସ, ଦେବବ୍ରତ ଦାସ ଓ ପ୍ରତାପ ପାତ୍ର ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ସୋମନାଥ ସିଂହ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ଼. କିଶୋର କୁମାର ବସା ଆଜିର ଖେଳକୁ ଉଦଘାଟନ କରିଥିବାବେଳେ ଅନ୍ୟ ମାନଙ୍କ ମଧରେ ପ୍ର. ଅନିଲ କୁମାର ବିଶ୍ୱାଳ, ପ୍ର. ଜିବେନ୍ଦୁ କୁମାର ମନ୍ତ୍ରୀ ଓ କ୍ରୀଡା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର, ବୁଧବାର, ୦୯ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ବିଶ୍ୱ ମହିଳା ଦିବସ ଅବସରରେ ୱାକାଥନ୍

ଭୁବନେଶ୍ୱର, ୦୮/୦୩ (ନି.ପ୍ର): ବିଶ୍ୱ ମହିଳା ଦିବସ-୨୦୨୨ ପାଳନ ଅବସରରେ ଭୁବନେଶ୍ୱର ଜନତା ମୈଦାନଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ 'ୱାକାଥନ୍'ର ଆୟୋଜନ କରାଯାଇଥିଲା । 'ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ' ଓ 'ଆଇନା' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ମହିଳା ଦିବସ-୨୦୨୨ ର ଥିମ୍ ଅନୁଯାୟୀ "ଲିଙ୍ଗଗତ ସମାନତା ଉପରେ ଆଜିର ଗୁରୁତ୍ୱାରୋପ ଦ୍ୱାରା ଏକ ପୋଷଣୀୟ ଆସନ୍ତା କାଲି ସମ୍ଭବ'' ଉପରେ ଆଲୋକପାତ କରାଯାଇଥିଲା । 'ଅନ୍ୟାୟ ବିରୁଦ୍ଧରେ ଚିରାଚରିତ ସହନଶୀଳତା ଦୂରେଇ ଦିଅ' ତଥା 'ପକ୍ଷପାତକୁ ବିରୋଧ କର' ସ୍ଲୋଗାନ୍ ସହ ପଦଯାତ୍ରା ଆଗକୁ ବଢିଥିଲା । ଉକ୍ତ ପଦଯାତ୍ରା କାଳରେ ବିଶ୍ୱ ଜଳବାୟୁ ପରିବର୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ତଥା ଜଳବାୟୁ ପରିବର୍ତନର ବିଶେଷ ଶିକାର ହେଉଥିବା ଏବଂ ଖାଦ୍ୟ, ପାନୀୟ ଓ ଇନ୍ଧନ କ୍ଷେତ୍ରରେ ସଂକଟର ସମ୍ମୁଖୀନ ହେଉଥିବା ସାରା ବିଶ୍ୱର ମହିଳା ଓ ବାଳିକାମାନଙ୍କୁ ସ୍ୱୀକୃତି ଦେଇ ସଭିଙ୍କ ନିମନ୍ତେ ଏକ ପୋଷଣୀୟ ଭବିଷ୍ୟତ ଗଠନ ନିମନ୍ତେ ଆହ୍ୱାନ ଦିଆଯାଇଥିଲା । ସମଗ୍ର ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧେକ ଏହି ମହିଳାମାନଙ୍କ ବିନା ଅନ୍ତର୍ଭୁକ୍ତିରେ ଏକ ପୋଷଣୀୟ ବିଶ୍ୱ ତଥା ଆସନ୍ତା କାଲିର ଏକ ଲିଙ୍ଗଗତ ସମାନତାର ସମାଜ ପରିକଳ୍ପନା ଅସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା । 'ସମାନତାର ପଦପାତ' ସକାଶେ ପ୍ରତ୍ୟେକେ ଆଗକୁ ପାଦ ବଢାଇଲା ବେଳେ ଲିଙ୍ଗଗତ ସମାନତା ଦିଗରେ ଦୃଷ୍ଟି ଦେବାକୁ ବକ୍ତାଗଣ ମତପୋଷଣ କରିଥିଲେ । ଉପରୋକ୍ତ ଅନୁଷ୍ଠାନ ଦ୍ୱାରା ଲିଙ୍ଗଗତ ସମାନତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି ନିମନ୍ତେ ରାଜଧାନୀ ଇଂଜିନିୟରିଂ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ପଦଯାତ୍ରା ସ୍ୱରୂପ ଜନତା ମୈଦାନଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଆୟୋଜିତ 'ୱାକାଥନ୍' କାର୍ଯ୍ୟକ୍ରମରେ ମୋ କଲେଜ ଉପଦେଷ୍ଟା ଆକାଶ ଦାସ ନାୟକ, ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି, ଆଇନାର ସଂପାଦିକା ଶ୍ରୀମତୀ ସ୍ନେହ ମିଶ୍ର, ଭୁବନେଶ୍ୱର ସ୍ମାର୍ଟ ସିଟିର ଜେନେରାଲ ମ୍ୟାନେଜରକମଲ୍ ଜିତ ଦାସ, ବିଶିଷ୍ଟ କ୍ରୀଡାବିତ୍ ଦିଲ୍ଲୀପ ତିର୍କୀ, ଶ୍ରଦ୍ଧାଂଜଳି ସାମନ୍ତରାୟଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

# ରାଜ୍ୟ ସ୍ତରୀୟ ଜନସାଥୀ ସମ୍ମିଳନୀ ଉଦ୍‌ଘାଟିତ

ଉଦଳା,୦୮/୦୩ (ନି.ପ୍ର): ରାଜ୍ୟ ସ୍ତରୀୟ ଚତୁର୍ଥ ବାର୍ଷିକ ଜନସାଥୀ ସମ୍ମିଳନୀ- ୨୦୨୨ ଆଜି ମାର୍ଚ୍ଚ ୮ ତାରିଖ ମଙ୍ଗଳବାର ଦିନ ଉଦଳା ଠାରେ ଉଦ୍‌ଘାଟିତ ହୋଇ ଯାଇଛି । ପ୍ରଥମବର୍ଷ ଏହି ସମ୍ମିଳନୀ କୋରାପୁଟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ବର୍ଷ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଠାରେ ଓ ତୃତୀୟ ବର୍ଷ ବଲାଙ୍ଗିରରେ ଅନୁଷ୍ଠିତ ହୋଇଥିଲା । କରୋନା ପାଇଁ କ୍ରମାଗତ ୨ ବର୍ଷ ଧରି ସମ୍ମିଳନୀ ବନ୍ଦ ରହିଥିଲା । ଆତ୍ମଶକ୍ତି ଟ୍ରଷ୍ଟର ଟ୍ରଷ୍ଟି ରୁଚି କାଶ୍ୟପ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଉଦ୍‌ଘାଟନୀ କରିଥିଲେ । କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, କୋରାପୁଟ, ରାୟଗଡ଼ା, ମାଲକାନାଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଜପତି, ବୌଦ୍ଧ ଇତ୍ୟାଦି ୧୭ ଗୋଟି ଜିଲ୍ଲାରୁ ପ୍ରାୟ ୩୦୦ ଭାଇ ଭଉଣୀ ଅଂଶ ଗ୍ରହଣ କରିଛନ୍ତି । ଏହି ସମ୍ମିଳନୀ ଆସନ୍ତା ୧୦ ତାରିଖ ଗୁରୁବାର ଦିନ ଉଦ୍‌ଯାପତି ହେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ସଡ଼ିଶାର ଉଦ୍ୟମରେ, ଜନଜାଗୃତି ମଞ୍ଚ ମୟୂରଭଞ୍ଜର ନେତୃତ୍ୱରେ ସମ୍ମିଳନୀ ପରିଚାଳିତ ହେଉଥିବାର ଜଣାଯାଇଛି ।

# ଜନଔଷଧି କେନ୍ଦ୍ର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୦୮/୦୩ (ନି.ପ୍ର): ବାଲେଶ୍ୱର ସହରର କେନ୍ଦ୍ରୀୟ ବିଦ୍ୟାଳୟ ଛକସ୍ଥିତ ଜନଔଷଧି କେନ୍ଦ୍ର ପକ୍ଷରୁ ଜାତୀୟ ଜନଔଷଧି ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବରକୁ ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଡାକ୍ତର ପ୍ରଭାତ ଚୌଧୁରୀ ଉଦଘାଟନ କରିଥିଲେ । ଡାକ୍ତର ଚୌଧୁରୀଙ୍କ ସମେତ ଡାକ୍ତର ଧନଞ୍ଜୟ ପରିଡ଼ା ଓ ଡାକ୍ତର ବିଷ୍ଣୁପ୍ରିୟ ଦେ ପ୍ରମୁଖ ଏହି ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ନିଦାନ ପତ୍ର ପ୍ରଦାନ କରିଥିଲେ । ଏଥିରେ ୧୪୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ବେଳେ ତନ୍ମଧ୍ୟରୁ ୭୨ ଜଣଙ୍କର ରକ୍ତ ସର୍କରା ପରୀକ୍ଷା କରାଯାଇଥିଲା । ନିଦାନପତ୍ର ପ୍ରଦାନ ସାଙ୍ଗକୁ ଜନଔଷଧିର ଗୁଣବତ୍ତା ସମ୍ପର୍କରେ ଡାକ୍ତରମାନେ ରୋଗୀମାନଙ୍କୁ ପରାମର୍ଶ ଦେଇଥିଲେ । ଜନଔଷଧି କେନ୍ଦ୍ରର ପରିଚାଳକ ତଥା ବରିଷ୍ଠ ଫାର୍ମାସିଷ୍ଟ ସୁରଞ୍ଜନ ଦାସମହାପାତ୍ର ଏହି ଶିବିରକୁ ପରିଚାଳନା କରିବା ସହିତ ସାମ୍ପ୍ରତିକ ସମାଜରେ ବିଭିନ୍ନ ରୋଗପାଇଁ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଜନଔଷଧିର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଅଶ୍ୱିନୀ ସ, ସରୋଜ କୁମାର ମଲିକ, ଅଶୋକ ଗୋଛାୟତ, ସ୍ମୃତିଶ୍ରୀ ମହାନ୍ତି, ଅମର ଗୋଛାୟତ, ତନୁଶ୍ରୀ ମହାନ୍ତି, ବର୍ଷାରାଣୀ ପଣ୍ଡା, ବିପ୍ଳବ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# 'ବ୍ରେକ ଦି ବାୟସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ




ଉଦଳା, ୦୮/୦୩ (ନି.ପ୍ର): ଆତ୍ମଶକ୍ତି ଟ୍ରଷ୍ଟର ଉଦ୍ୟମରେ, ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ଓଡ଼ିଶାର ନେତୃତ୍ୱରେ ଜନଜାଗୃତି ମଞ୍ଚ ମୟୂରଭଞ୍ଜର ପରିଚାଳନାରେ ଉଦଳା ଠାରେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ 'ବ୍ରେକ ଦି ବାୟସ' ଶିର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିବା ସହିତ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ, ଡ଼ାହାଣୀ କହି ମହିଳା ମାନଙ୍କ ଉପରେ ଚାଲିଥିବା ବିଭିନ୍ନ ଅତ୍ୟାଚାର ଯଥା- ମହିଳା ମାନଙ୍କୁ ମାଡ଼ ମାରିବା, ଯୋର ଜବରଦସ୍ତ ବିଷ୍ଠା ଖୁଆଇବା, ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାଇବା ଓ ହତ୍ୟା କରିବା ଇତ୍ୟାଦି ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ଏଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ । ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ତାଙ୍କର ବକ୍ତବ୍ୟରେ କହିଲେ ମହିଳା ମାନଙ୍କ ପାଇଁ ଥିବା ସାମାଜିକ ବାସନ୍ଦ ଏକ ମାନସିକ ରୋଗ ଅଟେ । ହେନାରାଣୀ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମହିଳା ମାନଙ୍କ ପ୍ରତି ଥିବା ବିଭିନ୍ନ ସାମାଜିକ ବାସନ୍ଦକୁ ରୋକିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜନଜାଗୃତି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅରୁଣ ପ୍ରସାଦ ଦିହୁଡ଼ି, ଚିତ୍ତରଂଜନ ପ୍ରଧାନ, ଆଶିଷ ରାଜ ହଂସ, ପ୍ରଶନ୍ନ ପ୍ରଧାନ, ପଞ୍ଚାନନ ପ୍ରଧାନ, ଅଭିଶେକ ଭାଇ, ସନ୍ତୋଷ ଭାଇ, ବିଭୁତି ଭୂଷଣ ବିନ୍ଧାଣୀ, ମନୋଜ ସାମନ୍ତରାୟ, ଲକ୍ଷ୍ମୀଧର ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଚାଷୀଙ୍କୁ ବିଭିନ୍ନ ସ୍ତରରେ ସରକାରୀ ସହାୟତା ପାଇଁ ବି.ଏନ.ଏଫ.ପି.ସି. ସଂସ୍ଥା ଉଦ୍‌ଘାଟିତ

ନୀଳଗିରି,୦୮/୦୩ (ନି.ପ୍ର): ସରକାରୀସ୍ତରରେ ଚାଷୀମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେବା ପାଇଁ ଆଜି ମିତ୍ରପୁର ଠାରେ ବାଲେଶ୍ୱର ନୀଳଗିରି ଫାରମାର ପ୍ରଡ୍ୟୁସର କଂପାନୀ ର ଉଦଘାଟନ ହୋଇଯାଇଛି । ସଂଗଠନର ମୁଖ୍ୟ ଜୀବନ କୁମାର ଦେ ଙ୍କ ତତ୍ତ୍ୱାବଧାନରେ ମିତ୍ରପୁର ଠାରେ ଡାଇରେକ୍ଟର ଙ୍କୁ ନେଇ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସଂଜୟ କୁମାର ପାଣି ଏହି ସଂସ୍ଥାକୁ ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ନୀଳଗିରି ସହକାରୀ କୃଷି ଅଧିକାରିଣୀ ପ୍ରଜ୍ଞାଶ୍ରୀ ଚାନ୍ଦ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ମନୋରଂଜନ ନନ୍ଦ, ଆର.ଏମ.ସି. ସଂପାଦକ ସୁକାନ୍ତ ପାତ୍ର, ସି.ଏସ.ସି. ଜିଲ୍ଲା ମ୍ୟାନେଜର ଅରୁପ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ । ଧାନ ଚାଷ, ମାଛ ଚାଷ, ସୋରିଷ ଚାଷ, ସୂର୍ଯ୍ୟମୁଖୀ ଚାଷ ଠାରୁ ଆରମ୍ଭ କରି ବିଭିନ୍ନ ଚାଷ କ୍ଷେତ୍ରରେ ଚାଷୀମାନଙ୍କୁ ଦେବା ପାଇଁ ଗଢ଼ି ଉଠିଥିବା ଉକ୍ତ ସଂସ୍ଥାର ଆଭିମୁଖ୍ୟକୁ ନେଇ ଉପସ୍ଥିତ ଶତାଧିକ ଚାଷୀ ବହୁ ଚାଷ ପାଇଁ ଆଗଭର ହୋଇଥିବା ଜଣାପଡ଼ିଛି । ବିହନ ଠାରୁ ଆରମ୍ଭ କରି ସାର, ଔଷଧ, ସରକାରୀ ସହାୟତା ଦେବା ସହ ଏହି ସଂସ୍ଥା ଚାଷୀଙ୍କୁ ବିଭିନ୍ନ ଋଣ କରାଇ ଦେବା ସହ ଅମଳ ହେଲେ ଉତ୍ପାଦିତ ଦ୍ରବ୍ୟକୁ ସରକାରୀସ୍ତରରେ ବିକ୍ରି କରିପାରିବେ । ଏହି ପରିପେକ୍ଷୀରେ ସଂସ୍ଥାର ଡାଇରେକ୍ଟର ଗୋପାଳ ଚନ୍ଦ୍ର ମହାପାତ୍ର, ଜୀବନ କୁମାର ଦେ, ପଙ୍କଜ ନାୟକ, ରଂଜନ ନାୟକ, ଅଖିଳ ମହାପାତ୍ର, ଆଶିଷ କରଣ, ଗୌରାଙ୍ଗ ବେହେରା, ବିରଂଚି ସାହୁ, ଶ୍ରୀକାନ୍ତ ଭୂୟାଁ, ଶୁଭେନ୍ଦୁ ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ବେଆଇନ ଚୋରା ବାଲି ଡମ୍ଫର ଉପରେ ପ୍ରଶାସନର ଚଢ଼ାଉ

ନୀଳଗିରି, ୦୮/୦୩ (ନି.ପ୍ର): ନୀଳଗିରି ପ୍ରଶାସନ ଓ ପୋଲିସ ପକ୍ଷରୁ ଆଜି ମିତ୍ରପୁର ଓ ମଛୁଆ ଠାରେ ଚଢ଼ାଉ କରାଯାଇଛି । ପରମିଟ ନ ଥିବା ବେଆଇନ ବାଲି ଚାଲାଣ ହେଉଥିବା ଦୁଇ ଡମ୍ଫର ଜବତ କରିବା ସହ ଗଛିତ ଥିବା ବେଆଇନ ବାଲିକୁ ମଧ ଜବତ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଉପଜିଲ୍ଲାପାଳ, ତହସିଲଦାର ଓ ଏସ.ଡି.ପି.ଓ. ସାମିଲ ଥିଲେ ।

# ଭଂଜସେନା ମହିଳା ଶାଖାର ମହିଳା ସଶକ୍ତି କରଣ କାର୍ଯ୍ୟକ୍ରମ



ବାରିପଦା, ୦୮/୦୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ର ଅବ୍ୟବହିତ ପୂର୍ବରୁ ଭଞ୍ଜସେନା ମହିଳା ଶାଖା ପକ୍ଷରୁ ବାରିପଦା ଶହୀଦ ଭବନ ଠାରେ ଏକ ମହିଳା ସଶକ୍ତି କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭଞ୍ଜସେନା ମହିଳା ଶାଖାର ସଭାପତି ଚନ୍ଦନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଭଂଜସେନା ମହିଳା ଶାଖା ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ହସ୍ତଶିଳ୍ପକୁ ପ୍ରାଧାନ୍ୟ ଦେବ ସହ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମ୍ମାନନୀୟ ଅତିଥି ଭାବେ ଗୁରୁ ଶ୍ରୀ ଶାଶ୍ୱତ ଯୋଶୀ ଏବଂ ସୁଶ୍ରୀ ସଂଯୁକ୍ତା ବସା ପ୍ରମୁଖ ଯୋଗ ଦେଇ ମହିଳାଶାଖାର ଆଗାମୀ କାର୍ଯ୍ୟକ୍ରମରେ ଯଥାସମ୍ଭବ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସର ରେ ମହିଳା ଏବଂ ପିଲା ମାନଙ୍କ ପାଇଁ ଫେଶନ ଶୋ ର ଆୟୋଜନ ହେଇଥିଲା ସେଥିରେ ପ୍ରିୟଦର୍ଶିନୀ ଧଳ ଏବଂ ରକ୍ଷିତା ପଟ୍ଟନାୟକ ବିଜୟୀ ଘୋଷିତ ହେଇଥିଲେ । ଭଞ୍ଜସେନା ମହିଳା ଶାଖା ରେ ୩୫ ଜଣ କିନ୍ନର ମଧ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ସଭାପତି ପିଣ୍ଟୁ ମାଇତି, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ , ଅଧ୍ୟକ୍ଷ (ଶୃଙ୍ଖଳା ) ସତ୍ୟ ସ୍ୱରୂପ ଦାଶ୍, ଓବିସି ଶାଖା ସଭାପତି ରାକେଶ ବେହେରା , ଜିଲ୍ଲା ଉପଖଣ୍ଡ ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି , ଏସ.କେ. ରାଜାଖନ ପ୍ରମୁଖଙ୍କ ସମେତ ଭଂଜସେନା ମହିଳା ଶାଖାର ରୂପାଳି ରୂପନିତା ବେହେରା ,ମଧୁଲିତା ମିଶ୍ର, ମାମୁନ ଜିତ ଏବଂ ଲିଲି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚର ଶୋକ

ବାଲେଶ୍ୱର,୦୮/୦୩ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଏକ ଜରୁରୀ ବୈଠକରେ ମଞ୍ଚର ସଦସ୍ୟ ତଥା ନଗ୍ରମ ଅଞ୍ଚଳର ଜଣାଶୁଣା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଛି । ବୈଠକରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଛି । ସ୍ୱର୍ଗତ ମହାନ୍ତି ବାଲେଶ୍ୱର କଚେରୀରେ ମୋହରୀର କାର୍ଯ୍ୟ କରିବା ସହ ବହୁ ସାମାଜିକ ସଂଗଠନରେ ସକ୍ରିୟ ସଦସ୍ୟ ଥିଲେ । କମ କଥା କହିବା ସାଙ୍ଗକୁ ଧୈର୍ଯ୍ୟର ସହ ଅନ୍ୟର କଥା ଶୁଣିବା ତାଙ୍କର ଏକ ମହତଗୁଣ ଥିଲା । ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ବୈଠକରେ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ବୈଠକରେ ମଞ୍ଚର ଉପ-ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ସୀତାରାମ ପ୍ରଧାନ, ଦାମୋଦର ନାୟକ, ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ ।

# ଅଂଶୁଘାତ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ଭଦ୍ରକ, ୦୮/୦୩ (ନି.ପ୍ର): ଗ୍ରୀଷ୍ମଋତୁ ଆଗମନର ଅବ୍ୟବ୍ୟହିତ ପୂର୍ବରୁ ଆଜି ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧକ୍ଷତାରେ ଅଂଶୁଘାତ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଡ଼ି.ଆର.ଡ଼ି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ କୁମାର ପାତ୍ର ଏହି ବୈଠକରେ ଯୋଗ ଦେଇଥିଲା ବେଳେ ଜିଲ୍ଲାର ସମସ୍ତ ବି.ଡ଼ି.ଓ., ତହସିଲଦାର, ଅତିରିକ୍ତ ତହସିଲଦାର ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଂଶୁଘାତର ଶିକାର ନହେବା ପାଇଁ ସତର୍କତା, ପ୍ରତିକାର ଆଦି ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ସଚେତନ କରାଯିବା ଦିଗରେ ଜିଲ୍ଲାପାଳ ପ୍ରାଧାନ୍ୟ ଦେଇଥିଲେ । ଏଥିପାଇଁ ବ୍ଲକ, ଗ୍ରାମ ପଞ୍ଚାୟତ ସ୍ତରରେ ଜନପ୍ରତିନିଧି, ସଂପୃକ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ନେଇ ସଚେତନତା ମୂଳକ ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପାଇପ୍ ଓ ନଳକୂପ ଜରିଆରେ ସମସ୍ତ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଯେପରି କାର୍ଯ୍ୟକ୍ଷମ ଥାଏ ସେ ନେଇ ନିଶ୍ଚିତ କରାଇବା ସହ ଜଳ କ୍ଲିଷ୍ଟତା ଅଞ୍ଚଳକୁ ଚିହ୍ନଟ କରାଯାଇ ଟ୍ୟାଙ୍କର ଯୋଗେ ଜଳଯୋଗାଇ ଦେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ଏହି ପରିପ୍ରେକ୍ଷୀରେ କୌଣସି ସ୍କୁଲ କି ଅଙ୍ଗନବାଡ଼ିରେ ପାନୀୟ ଜଳ ବ୍ୟବସ୍ଥା ନଥିଲେ ଯଥାଶିଘ୍ର ତଦନ୍ତ କରି ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହାଟ, ଜନଗହଳି ଆଦି ଜାଗାମାନଙ୍କରେ ଲୋକ ଉପକୃତ ହେଲାଭଳି ବ୍ଲକ୍ ପୌର ପ୍ରଶାସନ ଦ୍ୱାରା ଛାୟାପ୍ରଦ ବ୍ୟବସ୍ଥାରେ ପରିଷ୍କାର ପରିଚ୍ଛନ୍ନ ସହ ସ୍ୱାସ୍ଥ୍ୟକର ଜଳଛତ୍ର ବ୍ୟବସ୍ଥା କରାଇବାକୁ ପରାମର୍ଶ ଦିଆଯାଇଥିଲା । ସଡ଼କ ପରିବହନ ବ୍ୟବସ୍ଥାରେ ବସ୍ ମାନଙ୍କରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଓ.ଆର୍,ଏସ୍. ପ୍ୟାକେଟ୍ ଆଦି ମହଜୁଦ୍ ରଖାଯିବା, ଖୋଲାଗାଡ଼ିରେ ଶ୍ରମିକ ମାନଙ୍କୁ ପରିବହନ ନକରିବା, ଓଭର ଲୋଡ଼ିଂ ନକରାଯିବା ଆଦି ଦିଗରେ ତଦାରଖ ପାଇଁ ଆର.ଟି.ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଂଶୁଘାତ ଜନିତ ମୃତ୍ୟୁ ଘଟଣା ଘଟିଲେ ସ୍ଥାନୀୟ ତହସିଲଦାର ସଂପୃକ୍ତ ଡ଼ାକ୍ତରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଅବଗତ କରାଯିବା ନେଇ ଉଦ୍ଦିଷ୍ଟ ନିୟମ ସମ୍ବନ୍ଧରେ ବୈଠକରେ ସୂଚନା ଦିଆଯାଇଥିଲା । ଗ୍ରୀଷ୍ମଋତୁ ପାଇଁ ନିୟମାନୁଯାୟୀ ଶିକ୍ଷାନୁଷ୍ଠାନ ମାନଙ୍କର ଖୋଲିବା ସମୟ ନିର୍ଦ୍ଧାରଣ କରିବା, ପ୍ରଚଣ୍ଡ ଖରାରେ ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନଲଗାଇବା, ସେମାନଙ୍କ କାର୍ଯ୍ୟସ୍ଥଳୀରେ ପାନୀୟଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମହଜୁଦ୍ ରଖାଯିବା, ସିନେମା ହଲ୍‌ରେ ନୁନ୍ ସୋ ଆୟୋଜନ ନକରିବା, ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ସହ ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ, ଶଯ୍ୟା, ଡ଼ାକ୍ତର, ନର୍ସ, ନିରବଚ୍ଛିନ୍ନ ବିଦ୍ୟୁତ୍ ପ୍ରବାହ, ଏ.ସି., ଫ୍ୟାନ୍, କୁଲର ଆଦି ବ୍ୟବସ୍ଥା ପ୍ରସ୍ତୁତି ରଖାଯିବା, ଗୃହପାଳିତ ପଶୁମାନଙ୍କୁ ଖରାବେଳେ ବାହାରକୁ ନଛାଡ଼ିବା, ସେମାନଙ୍କ ଲାଗି ଆବଶ୍ୟକ ଜାଗାରେ ପାଣିକୁଣ୍ଡ ନିର୍ମାଣ କରାଇବା ଆଦି ଅଂଶୁଘାତ ମୁକାବିଲା ନେଇ ପ୍ରତିକାର ମୂଳକ ସମସ୍ତ ବ୍ୟବସ୍ଥା ସମ୍ବନ୍ଧରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା, ସମୀକ୍ଷା କରାଯାଇ ଆବଶ୍ୟକ ମତେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

# ସାହାରା ଇଣ୍ଡିଆ ଅଫିସରେ ଉତ୍ତେଜନା : ତାଲା ଝୁଲାଇଲେ ଜମାକାରୀ

ନୀଳଗିରି, ୦୮/୦୩ (ନି.ପ୍ର): ନୀଳଗିରିରେ ଥିବା ସାହାରା ଇଣ୍ଡିଆ କାର୍ଯ୍ୟାଳୟରେ ଉତ୍ତେଜନା ସହ କାର୍ଯ୍ୟାଳୟରୁ କର୍ମଚାରୀଙ୍କୁ ବିଦା କରି କାର୍ଯ୍ୟାଳୟରେ ତାଲା ପକାଇଲେ ଜମାକାରି । ଅଭିଯୋଗ ଅନୁଯାଇ ନୀଳଗିରି ଅଂଚଳରେ ବହୁ ଜମାକାରୀଙ୍କ ସ୍ଥିରିକୃତ ଜମାରାଶି ପାଇବାର ଅବଧି ତାରିଖ ହୋଇଯାଇଥିଲେ ବି ବାରମ୍ବାର କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଥିଲେ ଜମାକାରୀ । ଜମା ଟଙ୍କା ଦେବାରେ କର୍ତୃପକ୍ଷ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ । ଏହାପରେ ଆଜି ବହୁ ସଂଖ୍ୟାରେ ଜମାକାରୀ ଉତକ୍ଷିପ୍ତ ହୋଇ ଏକଜୋଟ ହୋଇ କାର୍ଯ୍ୟାଳୟ ଆସିଥିଲେ । ପରେ ଟଙ୍କା ନ ପାଇବା ସହ ଅଧିକାରୀଙ୍କ ଦେଖା ପାଇ ନ ଥିଲେ । ଏହା ପରେ କାର୍ଯ୍ୟାଳୟ ଆଗରେ ଉତେଜନା ଦେଖାଯାଇଥିଲା । ପରେ କାର୍ଯ୍ୟାଳୟ ଭିତରେ ଥିବା କର୍ମଚାରୀଙ୍କୁ ବିଦା କରି ଅଫିସରେ ତାଲା ଝୁଲାଇ ଦେଇଛନ୍ତି । ଏ ନେଇ ସାହାରା ଇଣ୍ଡିଆର ନୀଳଗିରି କାର୍ଯ୍ୟାଳୟ କର୍ତୃପକ୍ଷ ଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ବନବିଭାଗର ଚଢାଉ : କାଠ ବୋଝେଇ ଗାଡି ସହ ୧ ଗିରଫ

ଜଳେଶ୍ୱର, ୦୮/୦୩ (ନି.ପ୍ର): ବାଲେଶ୍ୱର ଡିଏଫଓ ବିମଳ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଜାତୀୟ ରାଜପଥ ୬୦ର ଜଳେଶ୍ୱର ନିକଟ ଆମ୍ବଳିଅଠା ବାଇପାସ୍ ନିକଟରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କାଠ ବୋଝେଇ ଗାଡି ଜବତ୍ କରିବା ସହ ଜଣଙ୍କୁ ଗିରଫ କରାଯାଇଛି । ଘଟଣାରୁ ପ୍ରକାଶ ପ୍ରାୟ ୪୦ ସିଏଫଟିରୁ ଉର୍ଦ୍ଧ୍ୱ ବିଭିନ୍ନ ଗଛର ଲଗ୍‌କୁ ବୋଝେଇ କରି ଓଡି୦୧ଫି-୭୮୫୦ ପିକ୍‌ଅପ୍ ଗାଡି ଦ୍ରୁତ ବେଗରେ ପଶ୍ଚିମବଂଗ ମୁହାଁ ଯାଉଥିବା ବେଳେ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜଳେଶ୍ୱର ଫରେଷ୍ଟର ଭକ୍ତିଲତା ଦାସ ଓ ଫରେଷ୍ଟ ଗାଡ ଜୟନ୍ତ ପ୍ରଧାନ ପ୍ରମୁଖ ପିଛା କରି ଅଟକାଇଥିଲେ । ରାୟାଁରାମଚନ୍ଦ୍ରପୁର ଅଂଚଳର ନାଥ ରାଉତଙ୍କ ପୁଅ ଡ୍ରାଇଭର ନଗେନ୍ ରାଉତକୁ ଗିରଫ କରାଯିବା ସହିତ କୋର୍ଟ ଚାଲାଣ କରାଯାଇଛି ।

# ସିପିଏଲ ସିଜିନ -୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ



ବାରିପଦା, ୦୮/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସିପିଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ସ୍ୱାରଟାନ୍ସ ଆରାଧ୍ୟା ଭିକ୍ଟୋରିଜକୁ ୭ଉଇକେଟରେ ପରାସ୍ତ କରିଛି । ସ୍ୱାରଟାନ୍ସର ଶୁଭଦତ ୮୬ରନ ଓ ସେହି ଦଳର ଦିପୁ ଗିରି ୪ ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଆରାଧ୍ୟାର ହରିଶଙ୍କର ଘୋଷ ୭୭ ରନ କରିଥିଲେ ଓ ଆଜିର ଖେଳକୁ ଅଭିଲାଷ ବିଶ୍ୱାଳ, ଉତ୍ତମ ମହାକୁଡ଼, ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ପରିଚାଳନା କରି ଥିବାବେଳ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚରେ ମୁର୍ଗାବାଡି ରାଇଡର୍ସ ମା ଅମ୍ବିକା ୱରିୟାର୍ସକୁ ୪୨ ରନରେ ପରାସ୍ତ କରିଥିଲେ ଓ ଚତୁର୍ଥ ମ୍ୟାଚରେ ଟେରିଫିକ ଫାଇଟର ମା ଜଗଦ୍ଧାତ୍ରୀ ୱରିୟାର୍ସକୁ ୨୪ ରନରେ ପରାସ୍ତ କରିଥିଲେ । ଶେଷ ମ୍ୟାଚରେ ସ୍ୱାରଟେନ୍ସ ମା ଅମ୍ବିକା ୱରିୟାର୍ସକୁ ୧୮ ରନରେ ପରାସ୍ତ କରିଥିଲେ । ଆଜିର ଖେଳକୁ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଉଦଘାଟନ କରିଥିବାବେଳେ ଆୟୋଜକ ସତ୍ୟ ନାରାୟଣ ଜୀଉ, ଦେବଜୀତ ପଟ୍ଟନାୟକ, ଆକାଶ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ମିଶନ ଇନ୍ଦ୍ରଧନୁଷ ଟିକାଦାନ ଓ ଫାଇଲେରିଆ ନିରାକରଣ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ

ବାରିପଦା, ୦୮/୦୩ (ନି.ପ୍ର): ସମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ଅବସ୍ଥିତ ମିନି ଅଡିଟରିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ମିଶନ ଇନ୍ଦ୍ରଧନୁଷ୍ ଟୀକାଦାନ ଏବଂ ଫାଇଲେରିଆ ନିରାକରଣ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲାମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉକ୍ତ ଜିଲ୍ଲାସ୍ତରୀୟ ସଚେତନତା ବୈଠକରେ ବିଭାଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ରୁବାଳା ରଥ, ପରିବାର କଲ୍ୟାଣ ଅଧରକାରିଣୀ ଡା. ସୁନନ୍ଦା ମିଶ୍ର, କୁଷ୍ଠ ନିରାକରଣ ଅଧିକାରୀ, ଡା. ସାନ୍ତନୁ କୁମାର ଦାଶ, ଯକ୍ଷ୍ମା ଅଧିକାରୀ ଡା: ନୁରୁଲ ହାସନ, ମ୍ୟାଲେରିଆ ଅଧିକାରୀ



ଡା. ବନମାଳୀ ପ୍ରଧାନ, ଏ.ଡି.ଏ.ମ.ମେଡିକାଲ ଡା. ନିହାର ରଞ୍ଜନ ଦାସ, ଡି.ପି.ଏମ(ଏନଏଚଏମ) ପି.ପି.ପତି, ଭାରତ ସରକାରଙ୍କ କନସଲଟାଣ୍ଟ ଡା. ଏନ ଭାଲାୟୁ ଧନ, ରାଜ୍ୟ ସରକାରଙ୍କ କନସଲଟାଣ୍ଟ ଡା. ଅରୁଣ ଶୁଭମ ପ୍ରମୂଖଙ୍କ ସମେତ ତାଲିମରତ ସି.ଏଚ.ଓ ଆଶାକର୍ମୀ ଏବଂ ବିଭାଗୀୟ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଯୋଗଦାନ କରିଥିଲେ । ଉପସ୍ଥିତ ସମସ୍ତ ପଦାଧିକାରୀ ମାନେ ନିଜ ନିଜର ବ୍ୟକ୍ତବ୍ୟ ରଖିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧରକାରୀ ଡା. ମିଶ୍ର ତାଙ୍କ ଅଭିଭାଷଣରେ ମିଶନ ଇନ୍ଦ୍ରଧନୁଷ୍ ଟୀକା ଦାନ ଓ ଫାଇଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଯୋଜନା କାର୍ଯ୍ୟ କ୍ରମରେ ହାତକୁ ନିଆ ଯାଇଥିବା ଉକ୍ତ ମୁଖ୍ୟ ଦୁଇଟି ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ବା ଉଦ୍ଦେଶ୍ୟ ସମ୍ପର୍କରେ ସୂଚାଇଥିଲେ । ଏହି ସ୍ୱତନ୍ତ୍ର ଟୀକାକରଣ ଅଭିଯାନରେ ଦୁଇବର୍ଷରୁ କମ୍ ବୟସ ଶୁଶୁ ଏବଂ ଗର୍ଭବତୀ ମହିଳା ମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଫାଇଲେରିଆ ନିରାକରଣ ନିମନ୍ତେ ସାର୍ବଜନୀନ ଔଷଧ ସେବନରେ ୨ବର୍ଷରୁ କମ ବୟସ, ଗର୍ଭବତୀ ମହିଳା ଏବଂ ଦୀର୍ଘସ୍ଥାୟୀ ରୋଗରେ ପିଡିତ ବ୍ୟକ୍ତି ମାନଙ୍କୁ ବାଦ ଦେଇ ୨ ବର୍ଷରୁ ଉର୍ଦ୍ଧ ବୟସର ସମସ୍ତ ହିତାଧିକାରୀ ମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସମସ୍ତଙ୍କୁ ଅବଗତ କରିଥିଲେ । ଫାଇଲେରିଆର ଡି.ଇ.ସି ଔଷଧ ଏବଂ କୃମି ନିମନ୍ତେ ଆଲବେଣ୍ଡାଜଲ ଔଷଧର ଖାଇବା ପଦ୍ଧତି ବତାଇବା ସଙ୍ଗେ ସଙ୍ଗେ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଏବଂ ତାର ଉପଚାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉପରୋକ୍ତ ଦୁଇଟି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ ଏକାନ୍ତ ଲୋଡା ବୋଲି କହିଥିଲେ । ଅନୁଷ୍ଠିତ ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ୯୦ଜଣ ଫାଇଲେରିଆ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ବଟିକା ସେବନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo